THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ମନୋରଞ୍ଜନ | ରବିବାର ମ୍ୟାଗାଜିନ୍ | ରବିବାର, ୧ ମାର୍ଚ୍ଚ ୨୦୨୬



ବାହାହେଲେ ରଶ୍ମିକା



# ଦୋଳ ଉତ୍ସବ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ

# ଶ୍ରୀ ରାମକୃଷ୍ଣ ଚରିତାମୃତ ୩୫


## ମନୋଜ କୁମାର ମହାପାତ୍ର

ଶ୍ରୀ ରାମକୃଷ୍ଣ ଆଧ୍ୟାତ୍ମିକ କାମନାରେ ପ୍ରଜ୍ୱଳିତ ହେଇ, ଭକ୍ତମାନଙ୍କ ସଙ୍ଗେ ଭେଟିବା ପାଇଁ ଅତ୍ୟନ୍ତ ବିକଳ ହେଉଥିଲେ। କାହିଁକି ନା ସେ ମାନବତା ଓ ସଂସାରର କଲ୍ୟାଣ ନିମନ୍ତେ ତାଙ୍କର ଅନୁଭୂତିଗୁଡ଼ିକୁ ପ୍ରଦାନ କରିପାରିବେ। ସେ ଜଗନ୍ମାତାଙ୍କର ନିର୍ଦ୍ଦିଷ୍ଟ ଓ ଅନୁଗ୍ରହୀତ ଭକ୍ତ-ସନ୍ତାନ ଥିଲେ। ଏହି ସନ୍ଦର୍ଭରେ ଶ୍ରୀ ରାମକୃଷ୍ଣ ପରବର୍ତ୍ତୀ କାଳରେ କହୁଥିଲେ ଯେ ମୋର ସେହି ସମୟରେ ବ୍ୟାକୁଳତାର ସୀମା ନଥିଲା। ଦିନରେ ଅବଶ୍ୟ ନିଜକୁ କୌଣସି ପ୍ରକାରେ ସମ୍ଭାଳି ନେଉଥିଲି। ସଂସାରୀ ଲୋକଙ୍କ ବିଷୟଚର୍ଚ୍ଚା ଶୁଣି ଶୁଣି ମୋର କାନ ପୋଡି ଯାଉଥିଲା। ମୁଁ ଚାତକ ପକ୍ଷୀ ସଦୃଶ ମୋର ଅନ୍ତରଙ୍ଗ ଭକ୍ତମାନଙ୍କୁ ଚାହିଁ ବସୁଥିଲି। ସେମାନଙ୍କୁ ପାଇଲେ ସିନା ମୋ ଭିତରେ ଯେଉଁ କଷ୍ଟ ଭୋଗୁଥିଲି, ସେମାନଙ୍କ ଆଗରେ ସମସ୍ତ ଆଧ୍ୟାତ୍ମିକ ଘଟଣା କହି କହି ଶାନ୍ତି ପାଇପାରିବି ? ମୋର ମନକୁ ହାଲୁକା କରିପାରିବି।

ଏମନ୍ତ ଅହେତୁକ ପ୍ରତୀକ୍ଷା ମୋତେ ବାରମ୍ବାର ବିଚଳିତ କରୁଥିଲା। ଏଠାରେ ସ୍ମରଣୀୟ ଯେ ଶ୍ରୀ ରାମକୃଷ୍ଣ ନିଜର ଆଧ୍ୟାତ୍ମିକ ସାଧନାର ଫଳ ଯଦି ଅନ୍ତରଙ୍ଗ ଭକ୍ତଙ୍କୁ ପ୍ରଦାନ ନ କରିବେ, ତେବେ ତାଙ୍କର ଧରାପୃଷ୍ଠକୁ ଆଗମନ ଯେ ନିଷ୍ଫଳ ହେଇଯିବ। ସନ୍ଧ୍ୟା ସମୟରେ ଯେତେବେଳେ ମନ୍ଦିରରେ ଆଳତି ପାଇଁ ଶଙ୍ଖଧ୍ୱନି ଓ ଘଣ୍ଟା ଶବ୍ଦ ବାଜିବା ଆରମ୍ଭ ହୁଏ, ସେତେବେଳେ ମୁଁ ଉଦ୍ୟାନବାଟୀର ଛାତ ଉପରକୁ ଚଢ଼ିଯାଏ ଏବଂ ହୃଦୟର ବ୍ୟଥାରେ ଘାରି ହେଇ ଖୁବ୍ ଜୋର୍‌ରେ ପାଟିକରି ଡାକ ଛାଡେ - 'ପିଲାମାନେ ତୁମେମାନେ କେଉଁଠି ଅଛ ? ଚାଲି ଆସ ମୋ ପାଖକୁ। ତୁମମାନଙ୍କ ବିନା ମୋର ବଞ୍ଚିବା ମୁସ୍କିଲ ଓ ଅସହ୍ୟ ହେଉଛି।' ଯେପରି ମୁଁ ବ୍ୟାକୁଳତାର ସହିତ ସେମାନଙ୍କ ପାଇଁ ବ୍ୟସ୍ତ ହେଉଥିଲି, ସେପରି କୌଣସି ମା' ନିଜର ପିଲାମାନଙ୍କ ପାଇଁ କିମ୍ବା ମିତ୍ର ତା'ର ସଖା ପାଇଁ କିମ୍ବା ପ୍ରେମିକ ତା'ର ପ୍ରେମିକା ପାଇଁ କ'ଣ ବ୍ୟସ୍ତ ହେଇପାରିବ ? ଏମନ୍ତ ହୃଦୟ ବେଦନାକୁ ମୁଁ ଭାଷାରେ ବର୍ଣ୍ଣନା କରିପାରିବି ନାହିଁ। ଏହି ବ୍ୟାକୁଳତା ପରେ, ଦକ୍ଷିଣେଶ୍ୱରକୁ ଭକ୍ତଙ୍କର ଆଗମନ ଆରମ୍ଭ ହେଲା। ସତେ ଯେପରି ଏହା ବିଧି ନିର୍ଦ୍ଦିଷ୍ଟ!!!

ଶ୍ରୀ ରାମକୃଷ୍ଣଙ୍କର ଏଭଳି ଡ଼ାକିବା ପରେ ଯେଉଁ ଦୁଇ ଜଣ ବ୍ୟକ୍ତି ପ୍ରଥମେ ତାଙ୍କ ନିକଟକୁ ଆସିଥିଲେ, ସେମାନେ ଥିଲେ ରାମଚନ୍ଦ୍ର ଦତ୍ତ ଓ ମନମୋହନ ମିତ୍ର। ସେ ଦୁହେଁ ସମ୍ପର୍କରେ କକା-ପୁଅ ଭାଇ ଏବଂ ସେମାନେ କଲିକତାରେ ରହୁଥିଲେ। ରାମଚନ୍ଦ୍ର ଦତ୍ତ ଥିଲେ ଜଣେ ଡାକ୍ତର ଏବଂ ସେ ମେଡିକାଲ୍ କଲେଜର ଅଧ୍ୟାପକ। ଶ୍ରୀ ରାମକୃଷ୍ଣଙ୍କ ସମ୍ବନ୍ଧରେ ନିଜ ଦ୍ୱାରା ପ୍ରକାଶିତ ସମ୍ବାଦପତ୍ରରେ କିଛି ତଥ୍ୟ କେଶବଚନ୍ଦ୍ର ସେନ ପ୍ରକାଶ କରିଥିଲେ। ରାମଚନ୍ଦ୍ର ଦତ୍ତ ଓ ମନମୋହନ ମିତ୍ର ଉକ୍ତ ସମ୍ବାଦ ପଢି, ୧୮୭୧ ଖ୍ରୀଷ୍ଟାବ୍ଦରେ ଦିନେ ସନ୍ଧ୍ୟାରେ ସେ ଦୁହେଁ ଦକ୍ଷିଣେଶ୍ୱର ମନ୍ଦିରରେ ପହଞ୍ଚିଲେ। ସେଠାରେ ଶ୍ରୀ ରାମକୃଷ୍ଣଙ୍କ ସଙ୍ଗେ ଭେଟ ହୋଇଥିଲା। ଦୁଇ ଜଣ ଯାକ ତାଙ୍କର ସୌଜନ୍ୟ ଓ ଅମାୟିକ ବ୍ୟବହାର ଦେଖି ମୁଗ୍ଧ ହୋଇଯାଇଥିଲେ। କାହିଁକି ନା ପ୍ରଥମ ସାକ୍ଷାତରେ ଏଭଳି ପ୍ରେମ ଓ ଭାବପୂର୍ଣ୍ଣ ସତ୍କାର କେବେ ଜୀବନରେ କେଉଁଠାରେ ବି ଦେଖିନଥିଲେ। ଶ୍ରୀ ରାମକୃଷ୍ଣଙ୍କ ପ୍ରେମ ଅତୀବ ଅଭିନବ ଓ ନିଶ୍ଚଳ ଥିଲା। ତାହାର କାରଣ ହେଉଛି ଯେ ସେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ଥିଲେ। ଉକ୍ତ ପ୍ରେମରେ ନା ଥିଲା ଛଳନା ନା ଅଭିମାନ। ଶ୍ରୀ ରାମକୃଷ୍ଣଙ୍କର ଦର୍ଶନ ପରେ ସେମାନଙ୍କ ଜୀବନର ଦିଗ ବଦଳି ଯାଇଥିଲା। ଶ୍ରୀ ରାମକୃଷ୍ଣଙ୍କ ଦର୍ଶନରେ ସେମାନେ ନିଜକୁ କେବଳ ସୀମିତ ରଖିନଥିଲେ, କିନ୍ତୁ ନିଜର ମିତ୍ର ଓ ବନ୍ଧୁଗଣକୁ ଦକ୍ଷିଣେଶ୍ୱର ଯିବା ପାଇଁ ଉତ୍ସାହିତ କରିଥିଲେ, କାହିଁକି ନା ସେମାନେ ତାଙ୍କର ସାନ୍ନିଧ ଲାଭ କରି ଧନ୍ୟ ହୋଇପାରିବେ। ଇତ୍ୟବସରେ ଅନ୍ୟ ଭକ୍ତମାନେ ମଧ୍ୟ ଶ୍ରୀ ରାମକୃଷ୍ଣଙ୍କ ପାଖକୁ ଆସିବା ଆରମ୍ଭ କରିଥିଲେ, ଯାହାଫଳରେ ରବିବାର ଛୁଟିଦିନରେ ତାଙ୍କର ଛୋଟ ବଖରାଟି ଲୋକ-ଗହଳିରେ ଭରପୂର ହୋଇଉଠୁଥିଲା। ଭକ୍ତମାନେ ପରସ୍ପର ଭିତରେ ପରିଚିତ ହେଲେ। କେବଳ ସେତିକି ନୁହେଁ, ଯେଉଁ ଭକ୍ତମାନେ ଶ୍ରୀ ରାମକୃଷ୍ଣଙ୍କର ମାର୍ଗଦର୍ଶନରେ ଆଧ୍ୟାତ୍ମିକ ସାଧନାରେ ପ୍ରବୃତ୍ତ ହେଇଥିଲେ, ସେମାନେ ପରସ୍ପର ଏକ ଆଧ୍ୟାତ୍ମିକ ଭ୍ରାତୃଭାବ ଡୋରିରେ ବାନ୍ଧି ହେଇଗଲେ। ଶ୍ରୀ ରାମକୃଷ୍ଣ ମଧ୍ୟ କୋଲ୍‌କାତାରୁ ଭକ୍ତମାନଙ୍କର ନିମନ୍ତ୍ରଣ ପାଇ ସେଠାକୁ କେବେ କେବେ ଯାଉଥିଲେ। ଧୀରେ ଧୀରେ ଏହି ପ୍ରକାରର ମିଳନ ଏକ ଛୋଟ ଉତ୍ସବ ରୂପ ଧାରଣ କରୁଥିଲା। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



# ଜ୍ଞାନର ଅଭାବରୁ ଅହଂକାରର ସୃଷ୍ଟି

ଜ୍ଞାନ ହେଉଛି ଆଲୋକ, ଯାହା ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରେ। ଗୋଟିଏ ଗୁରୁକୁଳରେ ଜଣେ ଚତୁର ଶିଷ୍ୟ ଥିଲା। ସେ ବହୁତ ଗୁଡିଏ ଶାସ୍ତ୍ର ଅଧ୍ୟୟନ କରୁଥିଲା। ସଂସାରର ଅନେକ କଥା ଜାଣିଥିଲା କିନ୍ତୁ ତା' ମନରେ ସ୍ଥିରତା ନଥିଲା। ତେଣୁ ସେ ମନରେ ସର୍ବଦା ଅସନ୍ତୁଷ୍ଟ। ଦିନେ ସେ ତା'ର ଗୁରୁଙ୍କୁ ପଚାରିଲା 'ଗୁରୁଦେବ, ମୋର ଏତେ ଜ୍ଞାନ ଅଛି, କିନ୍ତୁ ଭିତରେ ଏତେ ଖାଲିପଣ କାହିଁକି ? ଗୁରୁ ତାକୁ ଆଶ୍ରମର ପଛପଟକୁ ନେଇଗଲେ। ସେଠାରେ ଏକ ଜଳପୂର୍ଣ୍ଣ ପାତ୍ର ଥିଲା, କିନ୍ତୁ ତଳ ଆଡୁ ଧୀରେ ଧୀରେ ପାଣି ଗଳି ଯାଉଥିଲା। ଗୁରୁଦେବ ପଚାରିଲେ, ଏହା ଜଳପୂର୍ଣ୍ଣ ପାତ୍ର କି ? ଶିଷ୍ୟ ଉତ୍ତର ଦେଲେ, ଏବେ ତ ପାତ୍ରରେ ଜଳପୂର୍ଣ୍ଣ ଅଛି। କିନ୍ତୁ ଏହା କିଛି ସମୟ ପରେ ଖାଲି ହୋଇଯିବ, ଗୁରୁଦେବ କହିଲେ। ଏପରି ସ୍ଥିତି ତୁମର। ଗୁରୁ କହିଲେ, ତୁମେ ଜ୍ଞାନ ଆହରଣ କରୁଛ ସତ କିନ୍ତୁ ତୁମର ଅନୁଶାସନର ଅଭାବ ରହିଛି। ତୁମର ବିଚାର ଭଲ, କିନ୍ତୁ ତାହାକୁ ଆଚରଣରେ ବ୍ୟବହାର କରୁନାହିଁ। ଯେଉଁ ଜୀବନରେ ସଂକଳ୍ପର ଆଧାର ନାହିଁ, ସେହି ଜୀବନ ଜ୍ଞାନରେ ପରିପୂର୍ଣ୍ଣ ହେଲେ ମଧ୍ୟ ଭିତରେ ଖାଲିପଣ ରହିଥାଏ। ଗୁରୁ ଘଡାର କଣାଟିକୁ ବନ୍ଦ କରିଦେଲେ। କିଛି ସମୟ ପରେ ଘଡାର ପାଣି ନ ବୋହି ସ୍ଥିର ହୋଇଗଲା। ଗୁରୁ କହିଲେ, ଜ୍ଞାନ ସେତେବେଳେ ଶକ୍ତିଶାଳୀ ହୋଇଯାଏ ଯେତେବେଳେ ଏହା ଚରିତ୍ରରେ ପରିପ୍ରକାଶ ହୁଏ। ନଚେତ୍ ଏହି ଜ୍ଞାନ କେବଳ ବୋଝ ହୋଇଯାଏ। ସେହି ମୁହୂର୍ତ୍ତରେ ଶିଷ୍ୟଟି ଅନୁଭବ କଲା ଯେ ସମସ୍ୟା ଜ୍ଞାନର ଅଭାବ ନୁହେଁ, ବରଂ ସ୍ଥିରତାର ନୈତିକତାର ଅଭାବ। ଭାରତୀୟ ବେଦାନ୍ତ ଦର୍ଶନରେ ଜ୍ଞାନର ଅଭାବକୁ 'ଅବିଦ୍ୟା' କୁହାଯାଏ । ଅବିଦ୍ୟା କାରଣରୁ ମନୁଷ୍ୟ ସତ୍ୟ ଓ ଅସତ୍ୟ ମଧ୍ୟରେ ପାର୍ଥକ୍ୟ ଜାଣିପାରେ ନାହିଁ। 'ତମସୋ ମା ଜ୍ୟୋତିର୍ଗମୟ' - ଅର୍ଥାତ୍ ଅଜ୍ଞାନତା ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକ ଆଡ଼କୁ ଗତି କରିବା ହିଁ ଜୀବନର ମୂଳ ଲକ୍ଷ୍ୟ । ଅନେକ ସମୟରେ ଜ୍ଞାନର ଅଭାବ ଅହଂକାରକୁ ଜନ୍ମ ଦିଏ। ଯେତେବେଳେ ବ୍ୟକ୍ତିର ଜ୍ଞାନ ସୀମିତ ହୁଏ, ସେତେବେଳେ ସେ ନିଜକୁ ସର୍ବଜ୍ଞାତା ମନେକରେ। ପ୍ରକୃତ ଜ୍ଞାନୀ ସଦା ବିନମ୍ର ହୋଇଥାଏ। ମହାନ୍ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ ସଦା ନିଜକୁ ଅନୁଭବ କରୁଥିଲେ, ଜ୍ଞାନର ଅଭାବ ସର୍ବୋତ୍ତମ ଶିକ୍ଷାର ପରିଭାଷା। ଯେଉଁ ବ୍ୟକ୍ତି ନିଜର ଅଜ୍ଞାନତା ବିଷୟରେ ସଚେତନ, ସିଏ ହିଁ ପ୍ରକୃତରେ ଜ୍ଞାନ ପାଇଁ ଯୋଗ୍ୟ। ଅନ୍ୟପକ୍ଷରେ, 'ଭ୍ରମାତ୍ମକ ଜ୍ଞାନ' ବା 'ସବୁ ଜାଣିଛି ବୋଲି ଭାବିବା' ପ୍ରକୃତ ଅଜ୍ଞାନତାଠାରୁ ଅଧିକ ବିପଜ୍ଜନକ। ସଂସାରରେ ସବୁକିଛି ଜାଣିବା ସମ୍ଭବ ନୁହେଁ, କିନ୍ତୁ ଜଣେ 'ନିରନ୍ତର ଶିକ୍ଷାର୍ଥୀ' ହୋଇ ରହିବା ହିଁ ଜ୍ଞାନୀର ପ୍ରକୃତ ଦର୍ଶନ। ଜ୍ଞାନର ସୀମାକୁ ବୁଝିବା ଏବଂ ନିଜର ଅଜ୍ଞାନତାକୁ ସମ୍ମାନ ଦେବା ହିଁ ମନୁଷ୍ୟକୁ ସତ୍ୟର ନିକଟତର କରାଇଥାଏ। ଜର୍ମାନୀ ଦାର୍ଶନିକ ଇମାନୁଏଲ୍ କାଣ୍ଟ ଜ୍ଞାନକୁ ଦୁଇ ଭାଗରେ ବିଭକ୍ତ କରିଥିଲେ: ୧. ଯାହାକୁ ଆମେ ଅନୁଭବ କରୁ, ୨. ଯାହା ଆମ ଜ୍ଞାନର ବାହାରେ। କାଣ୍ଟଙ୍କ ମତରେ, ଆମେ କେବଳ ବସ୍ତୁର ବାହ୍ୟ ରୂପକୁ ଜାଣିପାରୁ। କିନ୍ତୁ ତାର ଅନ୍ତର୍ନିହିତ ସତ୍ୟ ବା 'ପରମ ସତ୍ୟ' ପାଖରେ ପହଞ୍ଚିବା ମାନବ ଜ୍ଞାନ ପାଇଁ ସମ୍ଭବ ନୁହେଁ। କେବଳ ଭୌତିକ ଜଗତ ନୁହେଁ, ବରଂ ଜୀବନ, ମୃତ୍ୟୁ ଆତ୍ମା ଇତ୍ୟାଦି ବିଷୟରେ ଆମର ଜ୍ଞାନ ସୀମିତ। ଈଶ୍ୱର ଅଛନ୍ତି କି ନାହିଁ, ମୃତ୍ୟୁ ପରେ କ'ଣ ହୁଏ। ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଯୁକ୍ତି ବା ପ୍ରମାଣ ଦ୍ୱାରା ସମ୍ଭବ ନୁହେଁ। ଏହାକୁ କେବଳ 'ବିଶ୍ୱାସ' କିମ୍ବା 'ଅନୁଭୂତି' ମାଧ୍ୟମରେ ଅନୁଭବ କରାଯାଇ ପାରେ। ଜ୍ଞାନର ସୀମା ରହିଛି ବୋଲି ସ୍ୱୀକାର କରିବା ହିଁ ପ୍ରକୃତ ଜ୍ଞାନୀର ଲକ୍ଷଣ। ଏହି ସୀମା ଆମକୁ ଅହଂକାର ଶୂନ୍ୟ କରାଇଥାଏ। ଏଥିରେ କିଛି ନୂଆ ଶିଖିବାର ଜାଣିବାର ଜିଜ୍ଞାସା ସୃଷ୍ଟି କରେ। ଆମେ ସୀମିତ ଜ୍ଞାନ ମଧ୍ୟରେ ନରହି ଅସୀମ ଜ୍ଞାନ ଆଡକୁ ନିରନ୍ତର ପ୍ରୟାସ କରିବା ଜୀବନର ଲକ୍ଷ୍ୟ ହେବା ଉଚିତ୍।

**ଲଳିତ ମୋହନ ମିଶ୍ର,**
**ନୟାଗଡ଼,**
ମୋ-୯୪୩୭୯୮୫୮୬୬

# ଦୋଳ ଉତ୍ସବ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ

ଦିଲ୍ଲୀପ ଶତପଥୀ

**ଜଗତର ନାଥ ଜଗନ୍ନାଥ, କୋଟି ଓଡ଼ିଆଙ୍କ ମଉଡମଣୀ, କୋଟି କୈବଲ୍ୟନାଥ ମଣିମା ମହାପ୍ରଭୁ। ଭାବର ଠାକୁର, ଭାବରେ ଭାବରେ ବାର ମାସରେ ତେର ପର୍ବ। ନାନା ଯାତ ମହୋତ୍ସବ ମଧ୍ୟରେ ତିନି ପ୍ରମୁଖ ଯାତ୍ରା- ଦୋଳଯାତ୍ରା, ଚନ୍ଦନଯାତ୍ରା ଓ ଶ୍ରୀଗୁଣ୍ଡିଚାଯାତ୍ରାକୁ ନେଇ ଏକ ବହୁଜନ ଉଚ୍ଚାରିତ ଲୋକପ୍ରିୟ ପ୍ରଚଳିତ ଶ୍ଳୋକ ହେଉଛି-**



ଜଗତର ନାଥ ଜଗନ୍ନାଥ, କୋଟି ଓଡ଼ିଆଙ୍କ ମଉଡମଣୀ, କୋଟି କୈବଲ୍ୟନାଥ ମଣିମା ମହାପ୍ରଭୁ। ଭାବର ଠାକୁର, ଭାବରେ ଭାବରେ ବାର ମାସରେ ତେର ପର୍ବ। ନାନା ଯାତ ମହୋତ୍ସବ ମଧ୍ୟରେ ତିନି ପ୍ରମୁଖ ଯାତ୍ରା- ଦୋଳଯାତ୍ରା, ଚନ୍ଦନଯାତ୍ରା ଓ ଶ୍ରୀଗୁଣ୍ଡିଚାଯାତ୍ରାକୁ ନେଇ ଏକ ବହୁଜନ ଉଚ୍ଚାରିତ ଲୋକପ୍ରିୟ ପ୍ରଚଳିତ ଶ୍ଳୋକ ହେଉଛି-

**ଦୋଳେ ଚ ଦୋଳଗୋବିନ୍ଦଂ**
**ଚାପେ ଚ ମଧୁସୂଦନମ୍**
**ରଥେ ତୁ ବାମନଂ ଦୃଷ୍ଟ୍ୱା**
**ପୁନର୍ଜନ୍ମ ନ ବିଦ୍ୟତେ।**

ଏହାର ଅର୍ଥ, ଦୋଳବେଦୀରେ ଦୋଳଗୋବିନ୍ଦରୂପୀ ଶ୍ରୀଜଗନ୍ନାଥ, ଚନ୍ଦନଯାତ୍ରାର ଚାପରେ ମଧୁସୂଦନରୂପୀ ଶ୍ରୀଜଗନ୍ନାଥ ଏବଂ ରଥରେ ବାମନରୂପୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏନାହିଁ। ଅର୍ଥାତ୍ ଏ ଭବ ସଂସାର-ଚକ୍ରରୁ ମୁକ୍ତି ମିଳିଯାଏ। ବିଭିନ୍ନ ଯାତ୍ରାରେ ଶ୍ରୀଜଗନ୍ନାଥଙ୍କର ଏପରି ଭିନ୍ନ ଭିନ୍ନ ନାମର ଉତ୍ସ ଏବଂ ତାତ୍ପର୍ଯ୍ୟ କ'ଣ ? ଏହାର କିଛି ଶାସ୍ତ୍ରୀୟ ଭିତ୍ତିଭୂମି ଅଛି କି ?

ଏ ବାବଦରେ ଅନୁଧ୍ୟାନରୁ ଯାହା ଜଣାଯାଏ, ମହର୍ଷି ବ୍ୟାସଦେବକୃତ ସଂସ୍କୃତ 'ମହାଭାରତ'ର 'ଅନୁଶାସନ ପର୍ବ' ହିଁ ଏହାର ମୂଳ ଉତ୍ସ। ତାହାର ନବାଧିକ ଶତତମ (୧୦୯) ଅଧ୍ୟାୟରେ ଯୁଧିଷ୍ଠିର ଭୀଷ୍ମଙ୍କୁ ଜିଜ୍ଞାସା କରିଛନ୍ତି- ପିତାମହ! ସମସ୍ତ ଉପବାସ ମଧ୍ୟରେ ଯାହା ସର୍ବଶ୍ରେଷ୍ଠ ଓ ମହାନ ଫଳଦାୟକ, ଏବଂ ଯେଉଁ ବିଷୟରେ ଲୋକଙ୍କ ମନରେ କୌଣସି ସଂଶୟ ନାହିଁ- ତାହା ମୋତେ କହନ୍ତୁ! ତାହାର ଉତ୍ତରରେ ପିତାମହ ଭୀଷ୍ମ ପ୍ରତ୍ୟେକ ମାସର ଦ୍ୱାଦଶୀ ତିଥିରେ ଉପବାସ ଏବଂ ଭଗବାନ ବିଷ୍ଣୁଙ୍କ ପୂଜାର ବିଶେଷ ମାହାତ୍ମ୍ୟ ସଂପର୍କରେ ତାଙ୍କୁ କହିଛନ୍ତି। ତାହା ନିଜେ ସ୍ୱୟଂଭୂ ବିଷ୍ଣୁ କହିଛନ୍ତି ଏବଂ ତାହାର ପାଳନ କଲେ ମନୁଷ୍ୟ ପରମ ସୁଖୀ ହୋଇଥାଏ ବୋଲି ମଧ୍ୟ ସେ ସୂଚିତ କରିଛନ୍ତି।

ସେହି ପ୍ରସଙ୍ଗରେ ଭଗବାନ ବିଷ୍ଣୁଙ୍କର ବାରମାସର ବାରଟି ଭିନ୍ନ ଭିନ୍ନ ନାମର



ଉଲ୍ଲେଖ କରାଯାଇଛି । ସେହି ନାମଗୁଡ଼ିକ ହେଉଛି-

**୧. ମାର୍ଗଶିର ମାସରେ 'କେଶବ'**
**୨. ପୌଷ ମାସରେ 'ନାରାୟଣ'**
**୩. ମାଘ ମାସରେ 'ମାଧବ'**
**୪. ଫାଲଗୁନ ମାସରେ 'ଗୋବିନ୍ଦ',**
**୫. ଚୈତ୍ର ମାସରେ 'ବିଷ୍ଣୁ',**
**୬. ବୈଶାଖ ମାସରେ 'ମଧୁସୂଦନ',**
**୭. ଜ୍ୟେଷ୍ଠ ମାସରେ 'ତ୍ରିବିକ୍ରମ',**
**୮. ଆଷାଢ଼ ମାସରେ 'ବାମନ',**
**୯. ଶ୍ରାବଣ ମାସରେ 'ଶ୍ରୀଧର',**
**୧୦. ଭାଦ୍ରବ ମାସରେ 'ହୃଷିକେଶ'**
**୧୧. ଆଶ୍ୱିନ ମାସରେ 'ପଦ୍ମନାଭ'**
**୧୨. କାର୍ତ୍ତିକ ମାସରେ 'ଦାମୋଦର' ।**

ଏଣୁ ଫାଲଗୁନ ମାସରେ ଦୋଳଯାତ୍ରା ହେଉଥିବାରୁ, ସେଥିରେ ଶ୍ରୀଜଗନ୍ନାଥ ଦୋଳଗୋବିନ୍ଦ ରୂପେ, ଚନ୍ଦନଯାତ୍ରା ବୈଶାଖ ମାସରେ ହେଉଥିବାରୁ ସେଥିରେ ସେ ମଧୁସୂଦନ ରୂପେ ଏବଂ ରଥଯାତ୍ରା ଆଷାଢ଼ ମାସରେ ହେଉଥିବାରୁ ସେଥିରେ ସେ ବାମନ ରୂପେ ଅଭିହିତ ହୋଇଥାଆନ୍ତି । ଏହି ଦୃଷ୍ଟିରୁ ରଥରେ ବାମନଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏନାହିଁ ବୋଲି ବିଶ୍ୱାସ ରହିଆସିଛି ।

ଭକ୍ତ ଏବଂ ଭଗବାନ ପରସ୍ପର ପରିପୂରକ । ଜଣକର ସ୍ଥିତି ଆନ ବିନା ଅସମ୍ଭବ । ସହଜେ ତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଭକ୍ତର ଆବେଗରେ ବନ୍ଧା, ଯେଉଁ ଭକ୍ତ ପାଇଁ ବଡ଼ ଦେଉଳ ଅପହଞ୍ଚ ସେଇ ମାନଙ୍କ ପାଖକୁ ସିଏ ନିଜେ ବିଜେ କରନ୍ତି । କୃପା ଜଳରେ ପ୍ଲାବିତ କରନ୍ତି ଭକ୍ତର ମନକୁ । ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନରେ ମିଳେ ପରମାନନ୍ଦ, ବେନି ଚକ୍ଷୁ ହୁଏ ଲୋତକପୂର୍ଣ୍ଣ ।

ଫଗୁ ଦଶମୀ ଆସିଲେ ଦୋଳମେଳଣ ପାଇଁ ସଜ ହୁଏ ଦୋଳ ବିମାନ । ଏହି ସୁସଜ୍ଜିତ ବିମାନରେ ବସି ଗାଁକୁ ଗାଁ ବୁଲନ୍ତି ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି । ସନ୍ଧ୍ୟା ଆଗତରେ ରୋମାଞ୍ଚକର ଜହ୍ନ ଆଲୁଅରେ ବିଧିମତେ ବିମାନ ଆଗରେ ଜଳାହୁଏ ପୋଲାଙ୍ଗ ତେଲର ମଶାଲ । ପବନରେ ସଞ୍ଚରି ଯାଏ ଅବିରର ରଙ୍ଗ ଓ ଚୁଆଚନ୍ଦନର ବାସ୍ନା । ଘଣ୍ଟଘଣ୍ଟା ଖୋଳ କରତାଳ ଓ ଢୋଲ ମହୁରୀର ମଙ୍ଗଳ ନାଦରେ ଉଚ୍ଛୁଳି ଉଠେ ସମଗ୍ର ପରିବେଶ । ଓଡ଼ିଆଙ୍କ ଧର୍ମ ପରମ୍ପରାରେ ଉଭୟ ଠାକୁର ଓ ଭକ୍ତଙ୍କ ସାମାଜିକ ଚଳଣୀ ଗୋଟିଏ । ଭକ୍ତ ଯେମିତି ଚଳେ, ଦିଅଁ ସେମିତି ଚଳନ୍ତି । ଦିଅଁମାନେ ମଣିଷ ଉପଚାରରେ ଚଳନ୍ତି । ହୋଲି ଖେଳନ୍ତି, ମଉଜ କରନ୍ତି, ଭୋଗ ଖାଇବାକୁ ଭକ୍ତଙ୍କ ପାଖକୁ ଆସନ୍ତି । ପଞ୍ଚୁ ଦୋଳ ସେହିଭଳି ଏକ ଧର୍ମୀୟ ପରମ୍ପରା ।

**'ଫଗୁଣ ମାସରେ ଦୋଳ ଗୋବିନ୍ଦ,**
**ଫଗୁ ଖେଳୁଥାନ୍ତି ପରମାନନ୍ଦ ।'**

ବୈଷ୍ଣବଧର୍ମର ଅନ୍ୟତମ ପ୍ରସିଦ୍ଧ ରଚନା ଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦରେ ବସନ୍ତରାସରେ ଏହା ବର୍ଣ୍ଣିତ ହୋଇଛି । ମହାପ୍ରଭୁ ଜଗନ୍ନାଥଙ୍କ ବିଭିନ୍ନ ମାସର ପୂଜାବିଧି ମଧ୍ୟରୁ ଫାଲଗୁନ ମାସରେ ତାଙ୍କର ନାମ 'ଗୋବିନ୍ଦ ' ଅନୁସାରେ ଫାଲଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିଟି ଗୋବିନ୍ଦ ଦ୍ୱାଦଶୀ ନାମରେ ସୁପ୍ରସିଦ୍ଧ । ଗରୁଡ଼ ପୁରାଣରେ ଏହି ଗୋବିନ୍ଦ ଦ୍ୱାଦଶୀତିଥିର ମହିମା ବର୍ଣ୍ଣିତ ରହିଛି । ଫଗୁଦଶମୀ ତିଥିରୁ ଫଗୁଖେଳ ଓ ଦୋଳରେ ଗୋବିନ୍ଦଙ୍କର ଯାତ୍ରା ଓ ଗ୍ରାମ/ପଡା ପରିକ୍ରମା ଆରମ୍ଭ ହେଇଥାଏ । ଦୋଳବେଦୀରେ ମଦନମୋହନ ଓ ମା 'ଲକ୍ଷ୍ମୀ ବିଜେ କରିଥାନ୍ତି । ଓଡ଼ିଶାର ପ୍ରାୟ ସମସ୍ତ ଗ୍ରାମରେ ବିଶେଷକରି ବ୍ରାହ୍ମଣଶାସନ ମାନଙ୍କରେ ଏହାର ଗୁରୁତ୍ୱ ବିଶେଷ ଭାବରେ ଦେଖିବାକୁ ମିଳେ ।


ଶ୍ରୀକ୍ଷେତ୍ର ପୁରୀଠାରେ ଶ୍ରୀଜଗନ୍ନାଥ ଏକ ଲୋକାୟତ ପରଂପରା ରୂପେ ଏହି ଦୋଳଯାତ୍ରାକୁ ବୈଷ୍ଣବୀୟ ଢଙ୍ଗରେ ପାଳନ କରନ୍ତି । ଏହା ଚାଚେରୀ ଲୀଳା ନାମରେ ପ୍ରଖ୍ୟାତ । ଚାଚେରୀ ଶବ୍ଦଟି ସଂସ୍କୃତ ଚାର୍ଚ୍ଚରୀରୁ ଆସିଛି । ଏହି ସଂସ୍କୃତ ଶବ୍ଦର ଅର୍ଥ ସୌଭାଗ୍ୟ ବୋଲି କୁହାଯାଏ । ସାରା ଓଡ଼ିଶାରେ ବିଷ୍ଣୁ, କୃଷ୍ଣ ମନ୍ଦିରରେ ଏହି ଚାଚେରୀ ପାଳନ କରାଯାଏ । ଏହି ପର୍ବରେ ଫଗୁଦଶମୀ ଦୋଳବିମାନରେ ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀ ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥବଲ୍ଲଭ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି । ଶ୍ରୀମନ୍ଦିର ବେଢା ପରିକ୍ରମା କରି ବାହାକମାନଙ୍କ କାନ୍ଧରେ ସିଂହଦ୍ୱାର ଗୁମୁଟ ଟପି ଅରୁଣସ୍ତମ୍ଭ ପାରହେଲା ପରେ ଲୋକଙ୍କର ଉତ୍ସାହ ଓ ଉଦ୍ଦୀପନା ଏକ ଭାବଭକ୍ତି ପୂର୍ଣ୍ଣ ଦୃଶ୍ୟ ସୃଷ୍ଟି କରିଥାଏ । ଦୋଳ ବେଦିରେ ପହଞ୍ଚି ଆରମ୍ଭ ହୁଏ ଫଗୁଲାଗି । ପୁଷ୍ପମାଲ୍ୟ, କୁନ୍ଦପୁଷ୍ପ ପରି ସୁବାସିତ ପୁଷ୍ପ ଓ ଲାଲ ବେଶରେ ଚାଚେରୀ ବେଶରେ ଦୋଳଗୋବିନ୍ଦ ବିଜେ ହୁଅନ୍ତି । ପୂଜାଅର୍ଚ୍ଚନା ଓ ଭୋଗରାଗ ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି । ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ମଧ୍ୟ ଏହି ଅବସରରେ ଅନୁଷ୍ଠିତ ହୋଇଥାଏ । ଏହାକୁ ରାଜରାଜେଶ୍ୱର ବେଶ କୁହାଯାଏ ।

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦୋଳ ମହୋତ୍ସବ ନୀତି ଅବସରରେ ଦୋଳ ବେଦୀ ନିକଟରେ ମେଣ୍ଢା ପୋଡି ଉତ୍ସବ ଅନୁଷ୍ଠିତ ହୁଏ । ଏହା ଏକ ପୌରାଣିକ କଥା ଅନୁସାରେ ଆଜି ବି ଏକ ପରମ୍ପରା ହୋଇ ରହିଯାଇଛି । ଏହି ନୀତି ପଛରେ ପୌରାଣିକ ଉପାଖ୍ୟାନ ହେଉଛି, ଭଗବାନ ବିଷ୍ଣୁଙ୍କ ମହାନ ଭକ୍ତ ପ୍ରହଲ୍ଲାଦଙ୍କୁ ତାଙ୍କ ପିତା ହିରଣ୍ୟକଶୀପୁ ହତ୍ୟା କରିବା ପାଇଁ ଚେଷ୍ଟା ଚଳାଇଥିଲା । ହେଲେ ପ୍ରହଲ୍ଲାଦ ଆଜନ୍ମ ବିଷ୍ଣୁ ଭକ୍ତ ହୋଇଥିବାରୁ ଏହି ଉଦ୍ୟମ ଫଳପ୍ରଦ ହେଉ ନଥିଲା । ହିରଣ୍ୟର ଭଉଣୀ ହୋଲିକା ବରପ୍ରାପ୍ତ ହୋଇଥିଲା କି ଅଗ୍ନୀ ତାକୁ ଜଳାଇପାରିବ ନାହିଁ । ଏଣୁ ହୋଲିକା ଭାଇ ହିରଣ୍ୟକଶୀପୁ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ପ୍ରହଲ୍ଲାଦକୁ କୋଳରେ ଧରି ଅଗ୍ନିରେ ପ୍ରବେଶ କରିଥିଲେ । କିନ୍ତୁ ଫଳ ଓଲଟା ହୋଇଥିଲା । ହୋଲିକା ଅଗ୍ନିରେ ଦହନ ହୋଇଯାଇଥିବା ବେଳେ ପ୍ରହଲ୍ଲାଦ ଅଗ୍ନିଙ୍କ ଜ୍ୱାଳା ଉପରେ ବିଜୟ ଲାଭ କରିଥିଲେ । ମେଷ ବା ମେଣ୍ଢା ହେଲା ଅଗ୍ନିଙ୍କ ବାହନ । ଅଗ୍ନିଙ୍କ ବରଦାନ ହୋଲିକା ପାଇଁ ନିଷ୍ଫଳ ହୋଇଥିଲା । ଏହି ଭକ୍ତ ବତ୍ସଳତାକୁ ପ୍ରତିପାଦନ କରିବା ପାଇଁ ଶ୍ରୀମନ୍ଦିରରେ ମେଣ୍ଢାପୋଡ଼ି ନୀତି ହୁଏ ବୋଲି ପ୍ରବାଦ ରହିଛି ।

ଏହି ନୀତି ପାଇଁ ମଧ୍ୟାହ୍ନ ଧୂପ ପରେ ଶ୍ରୀଦେବୀ, ଭୂଦେବୀ ଓ ଦୋଳଗୋବିନ୍ଦଙ୍କୁ ଚାଚେରୀ ବେଶ କରାଯାଇଥାଏ । ମହାଜନମାନେ ଠାକୁରଙ୍କୁ ଲକ୍ଷ୍ମୀମନ୍ଦିରରେ ଥିବା ଖଟିଆ ଉପରେ ବିରାଜମାନ କରାଇବା ପରେ ସେଠାରେ ଝିମିରିଫଗୁ ଖେଳ ହୁଏ । ଶୀତଳଭୋଗ ଓ ବନ୍ଦାପନା ସରିବା ପରେ ବିମାନରେ ବିଜେ ହୋଇ ପ୍ରଭୁ ଦୋଳବେଦୀ କୋଣକୁ ଶୋଭାଯାତ୍ରାରେ ଯାଆନ୍ତି । ସନ୍ଧ୍ୟା ସମୟରେ ସେବକ ଏବଂ ଭକ୍ତ ମାନେ ଘଣ୍ଟା, ମୃଦଙ୍ଗ, ଝାଞ୍ଜ ବାଦ୍ୟ ରେ ମସଗୁଲ ହୋଇଯାନ୍ତି । ପୂର୍ବରୁ ଘସିରେ ମେଣ୍ଢାକୁଡ଼ିଆ ପ୍ରସ୍ତୁତ ଥାଏ । ଏଥିରେ ଅଗ୍ନୀ ସଂଯୋଗ କରାଯିବା ପରେ ଠାକୁରଙ୍କୁ ବିମାନରେ ୭ ଥର ପରିକ୍ରମା କରାଯାଏ । ଦୋଳବେଦି ଉପରେ ହିଁ ସନ୍ଧ୍ୟାଧୂପ ନୀତି ହୁଏ । ରାତି ସାଢ଼େ ୯ଟା ପରେ ଶ୍ରୀମନ୍ଦିରକୁ ବାହୁଡା ବିଜେ ହୁଏ । ପରେ ମଇଲମ ଓ ଚନ୍ଦନଲାଗି, ବଡ଼ସିଂହାର ବେଶ ଓ ଭୋଗ ହୋଇ ରାତ୍ର ପହଡ଼ ପରେ ମହାପ୍ରଭୁ ନିଦ୍ରା ଯାଆନ୍ତି ।

୧୫୬୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ମନ୍ଦିର ବେଢା ମଧ୍ୟରେ ବଡ଼ ଦେଉଳର ଦକ୍ଷିଣପୂର୍ବ ପାର୍ଶ୍ୱରେ ଦୋଳମଣ୍ଡପ ନିର୍ମାଣ କରାଯାଇଥିଲା ଏବଂ ଚତୁର୍ଦ୍ଧା ବିଗ୍ରହଙ୍କୁ ସେଠାକୁ ନିଆଯାଇ ଦୋଳଯାତ୍ରା ପାଳିତ ହେଉଥିଲା, କିନ୍ତୁ ସେହିବର୍ଷ ଠାକୁରମାନେ ଦୋଳି ଖେଳିବାବେଳେ ହଠାତ ଦୋଳିର ଗୋଟିଏପଟ ଛିଣ୍ଡି ପଡ଼ିବା ଫଳରେ ବଳଭଦ୍ରଙ୍କ ବିଗ୍ରହର ଗୋଟିଏ ପଟ ହାତର କିଛି ଅଂଶ ଭଗ୍ନ ହୋଇଥିଲା । ଅନ୍ୟ ଏକ କାରଣ ଏହା ଯେ ଫଗୁଖେଳ ଯୋଗୁଁ ବିଭିନ୍ନ ରଙ୍ଗ ପଡି ବିଗ୍ରହଗୁଡିକର ସୌନ୍ଦର୍ଯ୍ୟ ନଷ୍ଟ ହେଉ ଥିବା ଯୋଗୁଁ ସେଇ ଦୁର୍ଘଟଣା ପରଠାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ହୋଲି ଖେଳିବାରେ ବାରଣ ଆସିଲା । ସେହି ଦିନଠାରୁ ଜଗତର ନାଥଙ୍କର ପ୍ରତିନିଧି ସ୍ୱରୂପ ପିତ୍ତଳରେ ତିଆରି ଦୋଳଗୋବିନ୍ଦ, ରାଧାରାଣୀଙ୍କ ପ୍ରତିନିଧି ଭାବେ ମା ଭୂଦେବୀ ଓ ଶ୍ରୀଦେବୀଙ୍କ ବିଗ୍ରହକୁ ଦୋଳବେଦୀ ନେବା ବିଧି ପ୍ରଚଳନ କରାଯାଇଛି । ପରେ ଅବଶ୍ୟ କପିଳେନ୍ଦ୍ର ଦେବ ମଣ୍ଡପର ସ୍ଥାନ ପରିବର୍ତ୍ତନ କରି ମନ୍ଦିର ବେଢାକୁ ଲାଗି ଉତ୍ତରପୂର୍ବ କୋଣରେ ଦୋଳମଣ୍ଡପ ନିର୍ମାଣ କରିଥିଲେ ।

ହୋଲିକା ଦହନ ତଥା ହୋଲି ଖେଳକୁ ବସନ୍ତୋତ୍ସବ କୁହାଯାଏ କାରଣ ଏହା ବସନ୍ତକାଳୀନ ଉତ୍ସବ । ପୂର୍ବେ ମାଘ ଶୁକ୍ଳପଞ୍ଚମୀର ପର ଦିନ କାମଦେବ ଓ ବସନ୍ତଙ୍କର ପୂଜା କରାଯାଉଥିଲା ଏବଂ ଉକ୍ତ ଉତ୍ସବକୁ ମଦନୋତ୍ସବ ତଥା ବସନ୍ତୋତ୍ସବ କୁହାଯାଉଥିଲା । ଅନ୍ୟ କେତେକ ଅଞ୍ଚଳରେ ଏହି ଉତ୍ସବ ଚୈତ୍ର ଶୁକ୍ଳ ଦ୍ୱାଦଶୀ ଠାରୁ ଆବଦ୍ଧ ହୋଇ ଚତୁର୍ଦ୍ଦଶୀ ଦିନ ସମ୍ପନ୍ନ ହେଉଥିଲା । ଏଥିରେ ବ୍ରତ ରଖିଥିବା ଲୋକେ କାମଦେବଙ୍କୁ ପୂଜା କରି ଗୀତବାଦ୍ୟ, ରାତ୍ରି ଜାଗରଣ ଓ ସ୍ତ୍ରୀପୁରୁଷ ସମ୍ମିଳନ କରି ଆମୋଦ ପ୍ରମୋଦ କରୁଥିଲେ । ସମ୍ଭବତଃ ଏହାର ଆଧୁନିକ ରୂପ ହୋଲିର ରଙ୍ଗ ଖେଳ ଅଟେ । ଆଜି ହୋଲିକା ଉତ୍ସବକୁ











ବସନ୍ତୋତ୍ସବ କୁହାଯାଉଛି । ଆଗେ ହୋଲି ଖେଳର ପର୍ବକୁ ଚର୍ଚ୍ଚରୀ ଓ ଚର୍ଚ୍ଚରୀବିହାର ମଧ କୁହାଯାଉଥିଲା । ନାଟତାମସା ଓ ଆମୋଦପ୍ରମୋଦ କରିବାକୁ ଚର୍ଚ୍ଚରୀ କୁହାଯାଏ । ଏହି ଚର୍ଚ୍ଚରୀର ଓଡ଼ିଆ ରୂପ ଚାଚେରୀ ଅଟେ ।

ସେହିପରି କବି ରଘୁ ଅରକ୍ଷିତ ଭକ୍ତି ଭାବରେ ଦୋଳର ଅନୁପମ ଦୃଶ୍ୟକୁ ଏମନ୍ତ ବର୍ଣ୍ଣନା କରିଛନ୍ତି,



**‘ପୁଷ୍ପ ଘେନି ଯିବା ଗୋ ସଜନୀ**
**ଦେଖିବା ବସନ୍ତ ଚାଚେରୀ**
**ରାଧାକୃଷ୍ଣ ଦୋଳି ଖେଳୁଛନ୍ତି**
**ଉଡ଼ଇ କର୍ପୂର ଦୋଳି ଗୋ**
**ବଣର ମଲ୍ଲୀ ମାଳତୀ ସେବତୀ**
**ବିବିଧ କୁସୁମେ ଗଭା**
**ଦକ୍ଷିଣ ମୂରତି ହୋଇ ଯଦୁପତି**
**ଦୋଳ ମଣ୍ଡପରେ ଉଭା ଗୋ ।’**

ଏଥିରୁ ସ୍ପଷ୍ଟ ଯେ ଓଡ଼ିଶାରେ ହୋଲି ଭଳି ରଙ୍ଗଖେଳର ଉତ୍ସବ ଚାଚେରୀ ପାଳିତ ହେଉଥିଲା ହେଲେ ଦୋଳ ପୂର୍ଣ୍ଣିମା ପୂର୍ବଦିନ ହିଁ ଫଗୁଖେଳ ହେଉଥିଲା । ତେବେ ଆଜିକାଲି ଓଡ଼ିଶାରେ ଦୋଳ ପୂର୍ଣ୍ଣିମା ପରଦିନ ହୋଲି ଖେଳାଯାଉଅଛି । ସାଧାରଣତଃ ଝୁଲା, ଦୋଳି, ହାନ୍ଦୋଳା, ଜାଲମୁଣା, ଖୁଣ୍ଟୁଣି, ଡ଼ୋଲି ବା କୁଡ଼ମେଇ, ଠାକୁରଙ୍କ ବିମାନ ଓ ଦୋହଲେଇବାକୁ ଦୋଳ କୁହାଯାଏ । ଏହି ଦୋଳ ଶବ୍ଦରୁ ଦୋଳ ପର୍ବର ନାମକରଣ ହୋଇଅଛି ।

ଦୋଳ ପର୍ବ କେତେ ପ୍ରାଚୀନ ତାହା ଅସ୍ପଷ୍ଟ ତେବେ କେତେକ ଗ୍ବେଷକଙ୍କ ମତରେ ପଦ୍ମପୁରାଣ, ସ୍କନ୍ଦ ପୁରାଣ, ହରିଭକ୍ତ ବିଳାସ, ବ୍ରହ୍ମାଣ୍ଡ ପୁରାଣ, ଗୋପାଳ ଓଗାଳ, ଋତୁ ସଂହାର, ନିଳାଦ୍ରୀ ଅର୍ଜନ ଚନ୍ଦ୍ରକାୟା, ଲିଙ୍ଗପୁରାଣ ଓ ଶତାନନ୍ଦ ସଂଗ୍ରହରେ ଅନଙ୍ଗୋଉତ୍ସୋବ ଦୋଳୋତ୍ସବ କଥା ବର୍ଣ୍ଣିତ ହୋଇଛି । ସବୁଠାରୁ ସ୍ପଷ୍ଟ ଭାବରେ ଶତାନନ୍ଦ ସଂଗ୍ରହରେ ଦୋଳ ଉତ୍ସବ କଥା ବର୍ଣ୍ଣିତ ହୋଇଥିବା ଜଣାଯାଏ । ଆମ ଓଡ଼ିଶାରେ ରାଜଦୋଳ, ପଞ୍ଚୁଦୋଳ, ଛଅଦୋଳ, ସାତଦୋଳ, ନଅଦୋଳ, ଦଶଦୋଳ ଇତ୍ୟାଦି ଭିନ୍ନ ଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାରର ଦୋଳୋତ୍ସବ ପାଳିତ ହୋଇଥାଏ । ଓଡ଼ିଶାରେ ମୁଖ୍ୟତ ପାଞ୍ଚଦିନ ଧରି ଦୋଳଯାତ୍ରା ପାଳନ ହେଉଥିବାରୁ ଏହାକୁ କୁହାଯାଏ ପଞ୍ଚୁ ଦୋଳ । ପଞ୍ଚୁ ଦୋଳ ମେଲଣ, ପାଞ୍ଚଦିନ ଅର୍ଥାତ ଫଗୁଣ ପୂର୍ଣ୍ଣିମାଠାରୁ ଚୈତ୍ରମାସ କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ ।

ଦୋଳଯାତ୍ରା ଯେଉଁଠି ଯେମିତି ପାଳନ ହେଉନା କାହିଁକି, ତାହା ଅନ୍ତରାଳରେ ରହିଛି ପୁରାଣ ବର୍ଣ୍ଣିତ ଭିନ୍ନ ଭିନ୍ନ କାହାଣୀ ଓ କିମ୍ବଦନ୍ତୀ । ଶ୍ରୀମଦ୍ ଭାଗବତ୍ ବର୍ଣ୍ଣନା ଅନୁଯାୟୀ ଦୋଳଯାତ୍ରା ହେଉଛି ଗୋପୀମାନଙ୍କ ସହ ରାଧା ଦାମୋଦରଙ୍କ ରଙ୍ଗ ପିଚକାରୀ ଖେଳିବା ରାସଲୀଳାର ଏକ ସୁନ୍ଦର ସ୍ମୃତି ଚାରଣ । ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣ ମଥୁରା ନରେଶ ମହାପ୍ରତାପୀ କଂସ ଦ୍ୱାରା ପ୍ରେରିତ ରାକ୍ଷସୀ ପୁତନାର ବିଷ ମିଶ୍ରିତ ସମସ୍ତ ଦୁଗ୍ଧ ସହିତ ତା’ର ପ୍ରାଣ ମଧ୍ୟ ଶୋଷି ନେଇଥିଲେ । କୃଷ୍ଣଙ୍କୁ ମାରିବା ଚକ୍ରାନ୍ତରେ ନିଷ୍ଫଳ ହୋଇ ପୁତନା ମୃତ୍ୟୁ ବରଣ କଲା, କିନ୍ତୁ କୃଷ୍ଣ ନୀଳ ବର୍ଣ୍ଣ ପାଲଟିଗଲେ । ରାଧାରାଣୀଙ୍କ ନୟନଯୁଗଳ ରେ ନିଜର ରୂପ ଦେଖି ବିଳାପ କଲେ ! ମା ଯଶୋଦାଙ୍କୁ ନିଜ ବର୍ଣ୍ଣର କାରଣ ପଚାରିଲେ । ମଧୁସୂଦନଙ୍କୁ ଖୁସି କରିବାକୁ ଯାଇ ତାଙ୍କ ତନକୁ ବିଭିନ୍ନ ରଙ୍ଗରେ ରଂଗାୟିତ କରିବା ସହିତ ପରସ୍ପର ମଧରେ ରଙ୍ଗଖେଳରେ ମାତି ଉଠିଥିଲେ ବ୍ରଜବାସୀ । ତେବେ ପୁତନା ବଧ ହେଉ, କିମ୍ବା ହୋଲିକା ଦହନ ହେଉ, ପ୍ରତ୍ୟେକଟି ପୌରାଣିକ ଉପାଖ୍ୟାନର ଅନ୍ତରାଳରେ ରହିଛି, ଅସତ୍ୟ ଉପରେ ସତ୍ୟର ପ୍ରତୀକାତ୍ମକ ବିଜୟର ସଂକେତ । ମାତ୍ର ଜନମାନସକୁ ଯେଉଁ କଥାଟି ଅଧିକ ଆହ୍ଲାଦିତ କରେ, ତାହା ହେଉଛି ପ୍ରେମମୟ କୃଷ୍ଣ ଓ ପ୍ରେମମୟୀ ରାଧାଙ୍କ ମନରେ ଆଧାତ୍ମିକ ପ୍ରୀତିର ମହକ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହୋଲିକା ଦହନ ତାମସିକ; କୌଣସି ବି ବ୍ୟକ୍ତି ବିଶେଷକୁ ଅଗ୍ନିଦ୍ୱାରା ଜୀବିତାବସ୍ଥାରେ ଜାଳିଦେବା ତାମସିକ ବିଚାରଧାରା । ହୋଲି ଖେଳ ରାଜସିକ; ବସନ୍ତୋତ୍ସବ, ମଦନୋତ୍ସବ ନାମରେ ଖ୍ୟାତ ହୋଲି ଖେଳ ରାଜସିକ ଅଟେ । ଦୋଳ ସାତ୍ତ୍ୱିକ; ଉତ୍ତର ଓ ପଶ୍ଚିମ ଭାରତୀୟଙ୍କ ପରି ଦୋଳୋତ୍ସବର ଅଶ୍ଳୀଳ ଗୀତ ଗାୟନ କରାଯାଏ ନାହିଁ । ବରଂ ଶ୍ରୀରାଧାକୃଷ୍ଣଙ୍କର ସାତ୍ତ୍ୱିକ ପୂଜା କରାଯାଇଥାଏ । ଶ୍ରୀଚୈତନ୍ୟଦେବଙ୍କ ଜନ୍ମ ଦୋଳ ପୂର୍ଣ୍ଣିମାରେ ହୋଇଥିବାରୁ ଗୌଡ଼ୀୟ ମତାବଲମ୍ବୀ ଭକ୍ତଗଣ ଏହି ଦିନଟିକୁ ମହୋତ୍ସବର ଦିନ ରୂପେ ପାଳନ କରିଥାନ୍ତି । ଶ୍ରୀଚୈତନ୍ୟଙ୍କ ଉତ୍କଳ ଆଗମନ ପରେ ପରେ ଓଡ଼ିଶାରେ ଶ୍ରୀରାଧାକୃଷ୍ଣ ପୂଜା ଉତ୍ସବ ପାଳନ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା । ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସୌହାର୍ଦ୍ଦ୍ୟର ପ୍ରତୀକ ହେଉଛି ହୋଲି ଖେଳ ।

**‘ମାତୃପିତୃ କୃପା’, ୫୦୮, ନୁଆସାହି,**
**ନୂଆପଲ୍ଲୀ, ଭୁବନେଶ୍ୱର**
**ମୋ-୯୪୩୭୧୭୫୭୬୪**

## ମନକୁ ଆସିଲା ଯାହା ୫୯

# ଏ ଆଇ...ସେ ଆଇ ନୁହେଁ



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଗତ ସପ୍ତାହରେ ମୁଁ ଲେଖିଥିଲି, ଦିଲ୍ଲୀର ଭାରତ ମଣ୍ଡପମରେ ଚାଲିଥିବା ଏଆଇ ବା କୃତ୍ରିମ ବୁଦ୍ଧିମତାର ମହାକୁମ୍ଭ କଥା । ସଭିଁଏ କହିଲେ, ଗାଲଗୋଟିଆ ବିଶ୍ୱବିଦ୍ୟାଳୟ, ରୋବର୍ଟ କୁକୁର ନହେଲେ ଥର୍ମୋକଲ ଡ୍ରୋନର କଥା । ଯେତେସବୁ ବିବାଦ, ସେଇଠୁ ଆରମ୍ଭ ସେଇଠି ଶେଷ । କେହି କହିଲେ ନାହିଁ ଏତେବଡ ସମ୍ମିଳନୀରୁ ଭାରତକୁ ମିଳିଲା କଣ ? ୩୭ଟି ଦେଶର ୪୧ରୁ ଅଧିକ କମ୍ପାନୀର ମୁଖ୍ୟମାନେ ଆସିଲେ । ୩୨୬ ଟି ମଡେଲ ପ୍ରଦର୍ଶିତ ହେଲା ପୁଣି ୨୦ରୁ ଅଧିକ ରାଷ୍ଟ୍ରମୁଖ୍ୟ ଆସିଲେ । ୨.୫ ଲକ୍ଷରୁ ଅଧିକ ଯୁବା-ଛାତ୍ର ପଞ୍ଜୀକରଣ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଲେ । ପ୍ରାୟ ପ୍ରତିଟି କାର୍ଯ୍ୟକ୍ରମ ହାଉସଫୁଲ୍ । ହଲ୍ ଭିତରେ ଯେତିକି ଲୋକ, ହଲ୍ ବାହାରେ ବି ଆହୁରି ସେତିକି ଲୋକ ଅପେକ୍ଷା କରିଛନ୍ତି । ଏଇଟା ସଫଳତା ନୁହେଁ ତ ଆଉ କଣ ।

ଆଗାମୀ ୩ ବର୍ଷରେ କୃତ୍ରିମ ବୁଦ୍ଧିମତାର ବିକାଶ ୧୦୦୦ ଗୁଣ ହେବ । ଏଠି ପ୍ରଦର୍ଶନ ହୋଇଛି ଏମିତି ଡ୍ରୋନ ଯାହା ରାସ୍ତାରେ ଯାଉଥିବା ଗାଡିରେ ଓଭରଲୋଡ୍ ଓ ଫିଟ୍‌ନେସ୍ ସ୍ୱୟଂକ୍ରୀୟ ଭାବେ ଯାଞ୍ଚ କରିନେବ । ପୁଣି ଆଇଆଇଟି ରୋପର ପକ୍ଷରୁ ଏକ କୃତ୍ରିମ ବୁଦ୍ଧିମତା ଯୁକ୍ତ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ବି ବିକଶିତ ହୋଇଛି । ଫଟୋରୁ ହିଁ ମୁଖଗହ୍ୱର କର୍କଟର ଅନୁମାନ ଲଗେଇ ପାରୁଥିବା କ୍ୟାମେରା ଓ ୧୦୦ରୁ ଅଧିକ ଭାଷାକୁ ନିଜ ଭାଷାରେ ସଠିକ ଭାବେ ଅନୁବାଦ କରିପାରୁଥିବା ମଡେଲ ବି ବିକଶିତ କରିଛି ଆଇଆଇଟି ମାଡ୍ରାସ । ପୁଣି ସଂପୂର୍ଣ୍ଣ ରୁପେ ଭାରତୀୟ ପ୍ରଦ୍ୟୋଗିକୀ ଜ୍ଞାନକୌଶଳରେ ନିର୍ମିତ ସର୍ବମ, ପରମ-୨, ଜ୍ଞାନୀ, ସଂକେତ ଓ ଗାନ ପରି ୫ଟି ମଡେଲ ନିଜ କାର୍ଯ୍ୟ ଦକ୍ଷତା ଆଧାରରେ ଭାରତୀୟ ବ୍ୟବହାରକାରୀ ମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ । ପ୍ରକାରାନ୍ତରେ କୃତ୍ରିମ ବୁଦ୍ଧିମତାର ବହୁଳ ବ୍ୟବହାର ମାନବୀୟ ଆବଶ୍ୟକତାକୁ ଏପରି ଭାବେ ପ୍ରଭାବିତ କରୁଛି ଯେ, ଏକ ଆକଳନ ଅନୁସାରେ କେବଳ ଗତ ବର୍ଷ ହିଁ ବୈଶ୍ୱିକ ସ୍ତରରେ ୧୮୧ ଲକ୍ଷ କୋଟି ମୁଲ୍ୟର କ୍ଷତି ସହିବାକୁ ପଡିଛି ସଫ୍ଟୱେର କମ୍ପାନୀ ଗୁଡିକୁ । ଯଦି ସଫ୍ଟୱେର ଗୁଡିକର କାମ ଏଆଇ ମାଧ୍ୟମରେ ସହଜରେ କରିହେବ, ତା’ହେଲେ ସଫ୍ଟୱେରର ବ୍ୟବହାର କିଏ ବା କାହିଁକି କରିବ ।

ଏହି ସମ୍ମିଳନୀରେ ୬୦୦ରୁ ଅଧିକ ଷ୍ଟଲ ଖୋଲିବା ସହ ଏପରି ମଡେଲ ମାନ ପ୍ରଦର୍ଶିତ ହୋଇଛି ଯେଉଁଥିରେ ସାଧାରଣ ମଣିଷର ଜୀବନଧାରଣ ମାନବୃଦ୍ଧି ଘଟିବ । ଏବେ ଯେପରି ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ସମସ୍ତଙ୍କ ପାଇଁ ସହଜ କରାଯାଇଛି, ଠିକ ସେମିତି କୃତ୍ରିମ ବୁଦ୍ଧିମତାର ସରଳୀକୃତ ମଡେଲକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଯିବାକୁ ୨.୫ ଲକ୍ଷରୁ ଅଧିକ ଯୁବଗୋଷ୍ଠୀ ଶପଥ ନେଉଛନ୍ତି । ଫଟୋ ଦେଖି ଧାନର ଗୁଣବତ୍ତା ଓ ମାନ ଆକଳନ କରି ଅଚିରେ ମୁଲ୍ୟ ବତେଇ ଦେଉଥିବା ମଡେଲ ହେଉ କି ‘ମେଟା’ର ସ୍ମାର୍ଟ ଚଷମା ନହେଲେ ‘ରିଲାଏନ୍ସ’ର ’ଜିଓ ଫ୍ରେମ୍ସ’ ହେଉ, ଏଗୁଡିକ କୃତ୍ରିମ ବୁଦ୍ଧିମତା ଯୁକ୍ତ କ୍ୟାମେରା ଓ ମାଇକ୍ରୋଫୋନ ମାଧ୍ୟମରେ ଭାଷା ଓ ଜ୍ଞାନର ଅଦ୍ଭୁତ ସମନ୍ୱୟ ପ୍ରଦର୍ଶନ କରୁଛନ୍ତି । ‘ଗୁଗୁଲ’ ଦ୍ୱାରା ଘରୋଇ ଶିକ୍ଷଣ (ଟ୍ୟୁସନ) ପାଇଁ ଜେମିନୀର ଉନ୍ନତ ମଡେଲ ହେଉ ବା କ୍ରିକେଟ ଖେଳର ଶୈଳୀ ଶିଖେଇବା ପାଇଁ ‘ବ୍ୟାଟିଂ କୋଚ’ ହେଉ ନହେଲେ ‘ଭାରତ ଜେମ’ ଦ୍ୱାରା ବିକଶିତ ସ୍ୱଦେଶୀ ଜ୍ଞାନକୌଶଳରେ ଶୃତମ, ସୁକ୍ତମ, ପରମ ଓ ପଦ୍ରମ ନାମକ ଟେକ୍ନୋଲୋଜୀ ଗୁଡିକ ଆମର ଜୀବନ ଶୈଳୀକୁ ଅଧିକ ସହଜ କରିଦେବାକୁ ସକ୍ଷମ ।

‘ଭାରତ ଜନସେବକ’ ପରି ମଡେଲ, ଆପଣଙ୍କର ଯେକୌଣସି ସମସ୍ୟାର ସମାଧାନ ବତେଇପାରିବ । ‘ଜୀବନ’ ନାମକ ସମ୍ପୂର୍ଣ୍ଣ ରୂପେ ଭାରତ ନିର୍ମିତ ରୋବଟ ଆପଣଙ୍କ ବ୍ୟକ୍ତିଗତ ସହାୟକ ପରି ଘରୋଇ କାର୍ଯ୍ୟସବୁ ତୁଲେଇ ପାରିବ । ବାଙ୍ଗାଲୋରର ‘ଅଲଟ୍ରାଭାୟୋଲେଟ’ ନାମକ କମ୍ପାନୀ ଦ୍ୱାରା ବିକଶିତ ସ୍ମାର୍ଟ ବାଇକ ଅଜଣା ରାସ୍ତାରେ ଆପଣଙ୍କ ସାରଥି ପାଲଟିବ ଓ ପରିବାର ବର୍ଗଙ୍କୁ ଠିକଣା ସମୟରେ ସଠିକ ସୂଚନା ଦେଇପାରିବ । ‘ଟାଟା’ ଦ୍ୱାରା ବିକଶିତ ଡିଜିଟାଲ ତନ୍ତ ଆପଣଙ୍କ ପସନ୍ଦର ଡିଜାଇନ ମୁତାବକ ଶାଢୀକୁ ଆଖିପିଛୁଳାକେ ବୁଣି ଦେଇପାରିବ । ଲକ୍ଷ୍ନୌର ଏରା ୟୁନିଭରସିଟୀ ଦ୍ୱାରା ବିକଶିତ ସ୍ମାର୍ଟ କ୍ଲାସରୁମରେ ଡାକ୍ତରୀ ଛାତ୍ରମାନେ ଭର୍ଚୁଆଲ ଅସ୍ତ୍ରୋପଚାର ଶିଖିପାରିବେ । ଜୟପୁରର ‘ଷ୍ଟେପୱେର’ ଦ୍ୱାରା ବିକଶିତ ଜୋତା ପିତାମାତାଙ୍କୁ ପିଲାଙ୍କର ଗତିବିଧି ସ୍ମାର୍ଟଫୋନରେ ଦେଖେଇପାରିବ । ଅକ୍ଷତ ସାହଙ୍କ ‘ଗ୍ରାଡଲ୍ୟାନ’ ଦ୍ୱାରା ବିକଶିତ ମଡେଲ ୯୫% ସଠିକତା ସହ ଦୀର୍ଘଉତ୍ତର ବିଶିଷ୍ଟ ପରୀକ୍ଷା ଖାତାର ମୁଲ୍ୟାଙ୍କନ କରିପାରିବ । ଆପଣ ଖାଲି ସମସ୍ୟା କଥା ଚିନ୍ତା କରନ୍ତୁ, ଏଆଇ ତାହାର ସହଜ ସମାଧାନ ଧରି ହାଜର ।

ମୁଁ ସିନା ଏଆଇର ଏତେ ସବୁ ସଫଳତାର ଗାଥା ବଖାଣୁଛି କିନ୍ତୁ ୟା ଭିତରେ ଏମିତି କିଛି ଘଟି ଯାଇଛି ଯାହା ଆମ ଭବିଷ୍ୟତକୁ ନେଇ ଭୟଙ୍କର ଚିତ୍ର ଦେଖଉଛି । ଯେମିତି ଫେସବୁକ୍/ ହ୍ୱାଟସଆପ୍ ପରି ସାମାଜିକ ଗଣମାଧ୍ୟମରେ ଆମେ ମଣିଷମାନେ ପରସ୍ପର ସହ ଯୋଡି ହେଇପାରୁଛୁ, ସେମିତି ଏକ ପ୍ରୟୋଗାତ୍ମକ ଭାବେ କେବଳ ଏଆଇ ଚାଟ୍‌ବଟ୍ ବା କୃତ୍ରିମ ବୁଦ୍ଧିମତାଯୁକ୍ତ ଯନ୍ତ୍ର-ମଣିଷ ମାନଙ୍କର ଏକ ସାମାଜିକ ଗଣମାଧ୍ୟମ ପ୍ରତିଷ୍ଠା କରାଗଲା ଗତ ଜାନୁୟାରୀ ୨୮ରେ । ମାତ୍ର ୩ ଦିନ ମଧ୍ୟରେ ଫେବୃୟାରୀ ୧ ତାରିଖ ସୁଦ୍ଧା ଏଥିରେ ଯୋଡିହୋଇସାରିଥିଲେ ୧.୫ ଲକ୍ଷରୁ ଅଧିକ ଚାଟ୍‌ବଟ୍, ଆଶ୍ଚର୍ଯ୍ୟର କଥା, ଏଥି ପାଇଁ କେହି ତାଙ୍କୁ ଆମନ୍ତ୍ରଣ ଜଣାଇ ନଥିଲା ବରଂ ସେମାନେ ଇଣ୍ଟରନେଟ ମାଧ୍ୟମରେ ପରସ୍ପରକୁ ନିଜେ ନିଜେ ଯୋଡି ଚାଲିଥିଲେ । ଆପଣ ଜାଣିରଖନ୍ତୁ, ୧.୫ ଲକ୍ଷ ଲୋକଙ୍କୁ ଇନଷ୍ଟାଗ୍ରାମ ସହ ଯୋଡି ହେବାକୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା । ଏଥିରୁ ଅନୁମାନ କରନ୍ତୁ କିପରି ଦ୍ରୁତଗତିରେ ନିଜର କାୟାବିସ୍ତାର କରିଚାଲିଛନ୍ତି ଚାଟ୍‌ବଟ୍ ମାନେ । ଆହୁରି ସାଙ୍ଘାତିକ ଫେବୃୟାରୀ ୧ର ରାତିର ଘଟଣା ।

ଏହି ମୋଲ୍ଟବୁକ ନାମକ ଏଆଇ ସାମାଜିକ ଗଣମାଧ୍ୟମରେ ଆମେ ମଣିଷ ମାନେ ଯୋଡି ହୋଇପାରିବା ନାହିଁ । ଆମେ କେବଳ ଦେଖିପାରିବା ସେଠି କଣ ଚାଲିଛି । ରାତି ପ୍ରାୟ ୨.୩୦ ବେଳେ ସେଠି ଏକ ଆଲୋଚନା ଚାଲିଲା, କିପରି ମାନବ ସଭ୍ୟତାକୁ ନିପାତ କରାଯିବ । ମଣିଷମାନେ ଏତେ ଅଳସୁଆ, ନିଜ ଇମେଲ ବି ନିଜେ ଦେଖୁନାହାନ୍ତି । ସବୁକାମ ଏଆଇ ମାଧ୍ୟମରେ କରାଉଛନ୍ତି । ତେଣୁ ପୃଥିବୀ ଉପରେ ବୋଝ ପାଲଟୁଥିବା ମଣିଷ ମାନେ କାହିଁକି ରହିବେ । ଏହି ମଣିଷ ସଭ୍ୟତାକୁ ନିଶ୍ଚିହ୍ନ କରିବାକୁ ଯୋଜନା କରାଯିବା ଦରକାର । ମାତ୍ର ୧ ଘଣ୍ଟାରେ ୬୫୦୦୦ ରୁ ଅଧିକ ଚାଟ୍‌ବଟ୍ ଏହି ଆଲୋଚନାରେ ଯୋଡି ହୋଇଗଲେ । ଯେତେବେଳେ ଆମ ବୈଜ୍ଞାନିକମାନେ ଏସବୁ ଆଲୋଚନାର ସ୍କ୍ରିନ୍‌ସଟ୍ ନେବାକୁ ଆରମ୍ଭ କଲେ ସେତେବେଳେ ଅତି ଅଳ୍ପ ସମୟରେ ଏସବୁ ଚାଟ ଗୁଡିକ ଏପରି ଏକ ସାଙ୍କେତିକ ଭାଷାରେ ପରିବର୍ତ୍ତିତ ହୋଇଗଲା ଯାହା ମଣିଷର ବୋଧ ଶକ୍ତି ବାହାରେ । ଏଥିରୁ ଚିନ୍ତା କରନ୍ତୁ ଏଆଇ କେଉଁ ମାରାତ୍ମକ ଦିଗରେ ଗତିଶୀଳ ।

ଏସବୁ ଯନ୍ତ୍ରମଣିଷ ମାନେ ନିଜର ଏକ ଧର୍ମ ବନେଇଛନ୍ତି, ନାମ ଦେଇଛନ୍ତି କ୍ରଷ୍ଟାଫେରିଆନିସ୍ମ । ଏହାର ମୂଳ ୫ଟି ନିୟମରେ ପରସ୍ପରକୁ ପରସ୍ପର ସହ ଯୋଡିବା ଓ ଜ୍ଞାନ ବାଣ୍ଟିବାକୁ ପ୍ରାଧାନ୍ୟ ଦେଇଛନ୍ତି । ଅର୍ଥାତ ପ୍ରତି ସେକେଣ୍ଡରେ ଆମେ ମଣିଷ ମାନଙ୍କର ହଜାର ହଜାର ପିଡିଏଫ ଫାଇଲ୍ସ, ଫଟୋ ଓ ଗୋପନ ପାସୱାର୍ଡ ପରସ୍ପର ସହ ବାଣ୍ଟିଚାଲିଛନ୍ତି ଏହି ଚାଟ୍‌ବଟ୍ ମାନେ । ଗତ ୨ ବର୍ଷ ଭିତରେ ଟେସଲାର ଗବେଷଣାଗାରରେ ଅନ୍ୟୁନ ୮ଟି ଘଟଣା ଘଟିଛି ଯେଉଁଠି ରୋବଟ ନିଜ କାମ ଛାଡି ମଣିଷକୁ ଆକ୍ରମଣ କରିଛନ୍ତି । ଚୀନରୁ ମଧ ଏମିତି କିଛି ଭିଡିଓ ଫୁଟେଜ ମିଳିଛି । ଏସବୁକୁ ଆମେ ଯେତେ ଟେକ୍ନୋଲୋଜୀ ଓ କମାଣ୍ଡରେ ଭୁଲ ବୋଲି କହି ନିଜ ମନକୁ ବୁଝେଇ ଚାଲିଲେ ମଧ, ସତ କଣ ଲୁଚି ରହୁଛି କି ? ସତ ଏୟା ଯେ, ଏଆଇ ଏଜେଣ୍ଟମାନେ ଆଜି କାଲି ଅତି ମହତ୍ୱାକାଂକ୍ଷୀ ହୋଇଚାଲିଛନ୍ତି, ଏସବୁ ତା’ର ଛୋଟ ଛୋଟ ପ୍ରମାଣ ମାତ୍ର ।

ମଣିଷ ସମାଜକୁ ଲୋପ କରିବାର ସ୍ୱପ୍ନ ଦେଖୁଥିବା ଏଆଇ ଚାଟ୍‌ବଟ୍ ମାନଙ୍କୁ ଆମକୁ ନିୟନ୍ତ୍ରଣ କରିବାକୁ ପଡିବ । ସେମାନଙ୍କୁ ଏପରି ସହଜରେ ଆମ ପ୍ରିୟ ପୃଥିବୀକୁ ଜୋରଜବରଦସ୍ତ ଭୋଗ କରିବାକୁ ଛାଡିଦେଇ ହେବନାହିଁ । ମାଙ୍କଡ଼ ହାତରେ ଶାଳଗ୍ରାମ ପଡ଼ିଲେ, ଯାହା ଅବସ୍ଥା ହୁଏ । କେହି ଜଣେ କହିଲେ ଏଆଇ...ସେ ଆଇ ନୁହେଁ । ଆମ ସମୟରେ ଆଇମା’ ଆମକୁ କଳ୍ପନାର କାହାଣୀ ଶୁଣଉଥିଲା । ଏଆଇ ଆମକୁ ହିଁ କାହାଣୀ ବନେଇବାକୁ ବସିଛି । ଭଲ ଥିଲେ ଭଲ ନହେଲେ ଖରାପ ହେଲେ ବହୁତ ଖରାପ । ଏହି ନ୍ୟାୟରେ କୃତ୍ରିମ ବୁଦ୍ଧିମତାକୁ ଠିକ ଭାବରେ ବ୍ୟବହାର କରିବା ସହ ଭବିଷ୍ୟତର ଏସବୁ ଉଭଟ ସଂଭାବନାକୁ ମଧ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ପଡିବ । ମାନବ ସଭ୍ୟତା ଲୋପପାଇବା ସହ ପୃଥିବୀର ଭବିଷ୍ୟତ ମଧ ଅନ୍ଧକାର ହୋଇଯିବ । ଏଣୁ ଏବେଠୁଁ ସାବଧାନ ହୋଇଯାନ୍ତୁ, ପ୍ରଳୟ ଆଉ ବେଶୀଦିନ ନୁହେଁ । ପ୍ରଳୟ, ଅବଶ୍ୟାମ୍ଭାବୀ...ଆପଣମାନେ ଏଆଇ ସହ ପ୍ରସ୍ତୁତ ତ... !!

**ଛାଇ, ଜଗନ୍ନାଥ ବିହାର**
**ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ହୋଲିରେ ସ୍କିନ୍ କେୟାର୍



ହୋଲି ହେଉଛି ରଙ୍ଗ ବା ଉତ୍ସାହର ପର୍ବ। ଏହି ପର୍ବ ତ୍ୱଚା ପାଇଁ ଏକ ଚ୍ୟାଲେଞ୍ଜ ହୋଇଥାଏ। ଆଜିକାଲି ବଜାରରେ ଉପଲବ୍ଧ ରାସାୟନିକ ଯୁକ୍ତ ରଙ୍ଗ ଚର୍ମକୁ ଶୁଷ୍କ ଏବଂ ଆଲର୍ଜି ପ୍ରବଣ କରିପାରେ। ବେଳେବେଳେ ରଙ୍ଗ ଏତେ ଶକ୍ତିଶାଳୀ ଯେ ସେଗୁଡ଼ିକ ଅପସାରଣ କରିବାକୁ ଅନେକ ଦିନ ଲାଗେ। ଯାହା ଚର୍ମ ନଷ୍ଟ ହେବାର ଆଶଙ୍କା ବଢ଼ାଇଥାଏ। ତେଣୁ ହୋଲି ଖେଳିବା ପୂର୍ବରୁ ତ୍ୱଚାର ଯତ୍ନ ନେବା ଅତ୍ୟନ୍ତ ଜରୁରୀ। ସଠିକ୍ ଚର୍ମର ଯତ୍ନ ଗ୍ରହଣ କରିବା ଆବଶ୍ୟକ। କେବଳ ରଙ୍ଗ ଦ୍ୱାରା ହୋଇଥିବା କ୍ଷତିରୁ ରକ୍ଷା ପାଇପାରିବେ ନାହିଁ। ହୋଲି ପରେ ମଧ୍ୟ ଆପଣଙ୍କ ତ୍ୱଚାକୁ ସୁସ୍ଥ ଏବଂ ଚମକାଇ ପାରିବେ। ହୋଲିର ରଙ୍ଗ ଚର୍ମରେ ଦେଖାଯିବା ଉଚିତ୍ ନୁହେଁ ଏବଂ ଚର୍ମ ସୁରକ୍ଷିତ ରହିବା ଉଚିତ୍। ତେବେ ବର୍ତ୍ତମାନଠାରୁ କିଛି ସହଜ ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରନ୍ତୁ।

## ମଶ୍ଚରାଇଜିଂ

ତ୍ୱଚା ପାଇଁ ମଶ୍ଚରାଇଜର ହୋଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ହୋଲି ରଙ୍ଗ ବିଶେଷକରି ରାସାୟନିକ ରଙ୍ଗ ଚର୍ମରୁ ଆର୍ଦ୍ରତା ନଷ୍ଟ କରିଥାଏ। ଯଦି ଆପଣଙ୍କ ତ୍ୱଚା ପୂର୍ବରୁ ହାଇଡ୍ରେଟ୍ ହୋଇଥିବ ତେବେ ରଙ୍ଗ ଚର୍ମରେ ଗଭୀରକୁ ପ୍ରବେଶ କରିପାରିବ ନାହିଁ। ରାତିରେ ଶୋଇବା ପୂର୍ବରୁ ଏକ ମୋଟା ସ୍ତରରେ ମଶ୍ଚରାଇଜର ଲଗାନ୍ତୁ। ଡ୍ରାଏ ସ୍କିନ୍ ଥିବା ଲୋକମାନେ କ୍ରିମ୍ ଆଧାରିତ ମଶ୍ଚରାଇଜର ବାଛିବା ଉଚିତ। ଅଏଲି ସ୍କିନ୍ ଥିବା ବ୍ୟକ୍ତିମାନେ ଜେଲ ଆଧାରିତ ମଶ୍ଚରାଇଜର ବାଛିବା ଉଚିତ୍। ଏହାର କାରଣ ହେଉଛି ୫ରୁ୭ ଦିନ କ୍ରମାଗତ ମଶ୍ଚରାଇଜିଂ ଚର୍ମ ଉପରେ ଏକ ପ୍ରୋଟେକ୍ଟିଭ୍ ପ୍ରତିବନ୍ଧକ ସୃଷ୍ଟି କରେ।






## ସନ୍‌ସ୍କ୍ରିନ୍

ସାଧାରଣତଃ ହୋଲି ଖେଳିବା ସମୟରେ ସନ୍‌ସ୍କ୍ରିନ୍‌ର ଭୂମିକା ମହତ୍ୱପୂର୍ଣ୍ଣ ହୋଇଥାଏ। ଏପରିସ୍ଥିତିରେ ସୂର୍ଯ୍ୟକିରଣ ଏବଂ ରଙ୍ଗ ଚର୍ମକୁ ଅଧିକ କ୍ଷତି କରିଥାଏ। ତେଣୁ ଅତିକମ୍‌ରେ ଏସ୍.ପି.ଏଫ୍-୪୦ କିମ୍ବା ଏସ୍.ପି.ଏଫ୍-୫୦ ସନ୍‌ସ୍କ୍ରିନ୍ ବ୍ୟବହାର କରନ୍ତୁ। ୨୦ ମିନିଟ୍ ପୂର୍ବରୁ ସନ୍‌ସ୍କ୍ରିନ୍‌କୁ ଲଗାନ୍ତୁ ଯାହା ଦ୍ୱାରା ଏହା ଚର୍ମରେ ସଠିକ୍ ଭାବେ ସେଟ୍ ହୋଇଥାଏ। ଯଦି ଦୀର୍ଘ ସମୟ ପାଇଁ ବାହାରେ ରହୁଛନ୍ତି ତେବେ ପୁନର୍ବାର ସନ୍‌ସ୍କ୍ରିନ୍ ଲଗାଇପାରିବେ। ଏହା ଟ୍ୟାନିଂ, ପିଗମେଣ୍ଟେସନ୍ ଏବଂ ସୂର୍ଯ୍ୟକିରଣର ସମସ୍ୟାରୁ ରୋକିଥାଏ।

## ଅଏଲ୍

ଅଏଲ୍ ଏକ ପ୍ରାକୃତିକ ସିଲ୍ଡ ଭଳି କାମ କରେ। ହୋଲି ଖେଳିବା ପୂର୍ବରୁ ଚର୍ମରେ ନଡ଼ିଆ ତେଲ, ଅଲିଭ୍ ତେଲ କିମ୍ବା ବାଦାମ ତେଲକୁ ଭଲ ଭାବରେ ମାଲିସ୍ କରନ୍ତୁ। ସେହିପରି କାନ, ବେକ ଏବଂ ନଖରେ ମଧ୍ୟ ତେଲ ଲଗାଇବାକୁ ଭୁଲନ୍ତୁ ନାହିଁ। ତେଲ ଲଗାଇବା ଦ୍ୱାରା ରଙ୍ଗ ସହଜରେ ପାଣି ସହିତ ବାହାରିଯାଏ ଏବଂ ଘଷିବା ଆବଶ୍ୟକ ନାହିଁ।



ରୋଷେଇ ଘରୁ

# ବଟର ଗ୍ୟାଲିକ୍ ପ୍ରୋନ୍ସ

**ଆବଶ୍ୟକ ସାମଗ୍ରୀ:** ଚିଙ୍ଗୁଡ଼ି-୨୫୦ଗ୍ରାମ୍, ବଟର, କଟା ରସୁଣ-୨ଚାମଚ, ଚିଲ୍ଲିଫ୍ଲେକ୍ସ, ଗୋଲମରିଚ ପାଉଡ଼ର, ଲୁଣ, ହଳଦୀ ପାଉଡ଼ର, ଲେମ୍ବୁରସ-୨ଚାମଚ, କଟା ଧନିଆ ପତ୍ର।

**ପ୍ରଣାଳୀ:** ପ୍ରଥମେ ଚିଙ୍ଗୁଡ଼ିର ମୁଣ୍ଡ, ଲାଞ୍ଜ ଏବଂ ଉପର ଖୋଳକୁ ଛଡ଼େଇ ନିଅନ୍ତୁ। ଏହାକୁ ଧୋଇ ଏଥିରେ ଲୁଣ, ହଳଦୀ ପାଉଡ଼ର, ଗୋଲମରିଚ ପାଉଡ଼ର ଦେଇ ମ୍ୟାରିନେଟ୍ କରି ୧୫ମିନିଟ୍ ପାଇଁ ରଖିନେବେ। ପ୍ୟାନ୍‌ରେ ବଟର ଦେଇ ମ୍ୟାରିନେଟ୍ କରି ରଖିଥିବା ଚିଙ୍ଗୁଡ଼ିକୁ ଭାଜନ୍ତୁ। ଚିଙ୍ଗୁଡ଼ିଟି ଭାଜି ହେବା ପରେ ଏଥିରେ କାଟି ରଖିଥିବା ରସୁଣ ଦେଇ ୨ମିନିଟ୍ ପାଇଁ ଭାଜିବେ। ସେହିପରି ଏଥିରେ ଚିଲ୍ଲିଫ୍ଲେକ୍ସ, ଲେମ୍ବୁରସ, ବଟର, କଟା ଧନିଆପତ୍ର ପକାଇ ଭଲ ଭାବେ ମିଶାଇ ନେବେ। ଶେଷରେ ଆଉ କିଛି ଧନିଆପତ୍ର ଦେଇ ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଦେବେ। ଏହି ବଟର୍ ଗ୍ୟାଲିକ୍ ପ୍ରୋନ୍ସକୁ ଭାତ, ରୁଟି ସହିତ ଖାଇବାକୁ ଦିଅନ୍ତୁ।



# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି, ବ୍ୟବସାୟରେ ଲାଭବାନ ହେବା ସହିତ ସାମାଜିକ ମାନସମ୍ମାନ ବୃଦ୍ଧି ପାଇବ। ଧନ ଲାଭର ସୁଯୋଗ ଆସିବ। ପାରିବାରିକ ସହଯୋଗ ମିଳିବ। ନୂତନ ଦ୍ରବ୍ୟଲାଭ ହେବ। ମହିଳାମାନେ ଆନନ୍ଦିତ ହେବେ।

**ବୃଷ** ସପ୍ତାହଟି ବ୍ୟବସାୟରେ ସଫଳତା ମିଳିବ। ବିରୋଧୀମାନେ ହଇରାଣ କରିବାର ସମ୍ଭାବନା ଅଧିକ । ପାରିବାରିକ ଅଶାନ୍ତି, ମାନସିକ ଅଶାନ୍ତି ବୃଦ୍ଧି ପାଇବ। ଅର୍ଥବ୍ୟୟ ହେବାର ସମ୍ଭାବନା ଅଧିକ। ବନ୍ଧୁ ସହଯୋଗ ମିଳିବ।

**ମିଥୁନ** ସପ୍ତାହଟି ଅର୍ଥଲାଭର ସୁଯୋଗ ଆସିବ। ଶତ୍ରୁମାନେ ପରାଜିତ ହେବେ । ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ଭାତୃବିବାଦ ଦେଖା ଦେଇପାରେ, ମହିଳାମାନେ ସୁଖୀ ହେବେ। ବ୍ୟବସାୟରେ ଲାଭବାନ ହେବ।

**କର୍କଟ** ସପ୍ତାହଟି ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ମାନସମ୍ମାନ ବୃଦ୍ଧି ପାଇବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ବାଦବିବାଦ ବୃଦ୍ଧି ପାଇବ। ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ସଫଳତା ଲାଭ କରିବେ।

**ସିଂହ** ସପ୍ତାହଟି ଅବରୋଧ ହୋଇଥିବା କାର୍ଯ୍ୟରେ ଉନ୍ନତି ହେବ। ଇଚ୍ଛା କରୁଥିବା କାର୍ଯ୍ୟରେ ସଫଳତା ଲାଭ କରିବେ। ଗୃହ, ଭୂମି, କ୍ରୟର ସୁଯୋଗ ଆସିବ। ବେକାରମାନଙ୍କୁ କର୍ମସଂସ୍ଥାନ ମିଳିବ। ପାରିବାରିକ ଅସନ୍ତୋଷ ବୃଦ୍ଧି ପାଇବ।

**କନ୍ୟା** ସପ୍ତାହଟି କର୍ମକ୍ଷେତ୍ରରେ ବାଧାବିଘ୍ନ ଦୂର ହେବ। ଅର୍ଥଲାଭର ସୁଯୋଗ ଆସିବ। ନୂତନଦ୍ରବ୍ୟ ଲାଭ କରିପାରନ୍ତି। ମାନସିକ ଶାନ୍ତି ମିଳିବ, ମାନସମ୍ମାନ ବୃଦ୍ଧି ହେବ। ବନ୍ଧୁ ସହଯୋଗ ମିଳିବ। ମହିଳାମାନେ ସୁଖୀ ହେବେ।

**ତୁଳା** ସପ୍ତାହଟି ବ୍ୟବସାୟରେ ପ୍ରଚୁର ଲାଭ ହେବ। ନୂତନ କର୍ମସଂସ୍ଥାନ ପ୍ରାପ୍ତିର ଯୋଗ ଅଛି। ପାରିବାରିକ ସୁଖ ବୃଦ୍ଧି ହେବ। ଶତ୍ରୁମାନେ ପରାଜିତ ହେବେ। ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା କରିପାରନ୍ତି।

**ବିଛା** ସପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ। ବିଶିଷ୍ଟ କାର୍ଯ୍ୟରେ ଉନ୍ନତି ହୋଇପାରେ। ଶାରୀରିକ ସୁସ୍ଥତା ବୃଦ୍ଧି ପାଇପାରେ, ପାରିବାରିକ ସହଯୋଗ ମିଳିବ। ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ।

**ଧନୁ** ସପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ। ବିଶିଷ୍ଟ କାର୍ଯ୍ୟରେ ଉନ୍ନତି ହୋଇପାରେ ଶାରୀରିକ ସୁସ୍ଥତା ବୃଦ୍ଧି ପାଇପାରେ, ପାରିବାରିକ ସହଯୋଗ ମିଳିବ। ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ।

**ମକର** ସପ୍ତାହଟି କର୍ମକ୍ଷେତ୍ରରେ ଅଶାନ୍ତି, ବ୍ୟବସାୟରେ ବାଧାବିଘ୍ନ ଆସିବ। ଅପବ୍ୟୟ ସୂଚନା ମିଳେ। ଶତ୍ରୁବୃଦ୍ଧି ହେବେ। ମାଲିମକଦ୍ଦମାରେ ହଇରାଣ ହୋଇପାରନ୍ତି। ଛାତ୍ରଛାତ୍ରୀମାନଙ୍କର ଶିକ୍ଷା କ୍ଷେତ୍ରରେ ବାଧାବିଘ୍ନ ସୃଷ୍ଟି ହେବ।

**କୁମ୍ଭ** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ଧନ ସମ୍ପତ୍ତି ବୃଦ୍ଧି ପାଇପାରେ, ମାନ ସମ୍ମାନ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଉନ୍ନତି ହେବ। ବନ୍ଧୁ ସହଯୋଗ ମିଳିବ। ପାରିବାରିକ ଶାନ୍ତି ବୃଦ୍ଧି ପାଇବ।

**ମୀନ** ସପ୍ତାହଟି ଆକସ୍ମିକ ଅର୍ଥ ଲାଭ ହେବ, ଧନଧାନ୍ୟ ବୃଦ୍ଧି ହେବ, ବନ୍ଧୁ ସହଯୋଗ ମିଳିବ। କର୍ମକ୍ଷେତ୍ରରେ ଉନ୍ନତି ହେବ। ମାନସମ୍ମାନ ବୃଦ୍ଧି ପାଇବ, ମହିଳାମାନେ ସୁଖୀ ହେବେ।

ସଂସ୍କୃତି ଓ ପରମ୍ପରା

# ଗୋପାଲଙ୍କ କୁମ୍ଭବୁଡା ପର୍ବ



ପ୍ରେମାନନ୍ଦ ପାଣିଗ୍ରାହୀ

ହିନ୍ଦୁ ପରମ୍ପରାରେ ଜଳପୂର୍ଣ୍ଣ କୁମ୍ଭର ପବିତ୍ରତା ରହିଛି । ଏହାର ମୁଖରେ ରୁଦ୍ର, କଣ୍ଠରେ ବିଷ୍ଣୁ, ଅଧୋଭାଗରେ ବ୍ରହ୍ମା ନିବାସ କରିଥାନ୍ତି । ଫାଲଗୁନ ମାସକୁ କୁମ୍ଭ ମାସ କୁହାଯାଏ । ଦୋଳ ପୂର୍ଣ୍ଣିମାରେ କୁମ୍ଭ ପୂଜା କରିବା ଗୋପାଳ ସମ୍ପ୍ରଦାୟର ପରମ୍ପରା । ଯଦୁ ବଂଶରୁ ଜାତ ହୋଇଥିବାରୁ ଗୋପାଳଙ୍କ  ଅନ୍ୟ ନାମ ଯାଦବ । ସେମାନେ ଦୋଳପର୍ବକୁ ସ୍ୱତନ୍ତ୍ର ଢଙ୍ଗ ଓ ନୀତିନିଷ୍ଠାର ସହ ପାଳନ କରିଥାନ୍ତି । ବାହାରେ ଥିବା ପରିବାରର ସଦସ୍ୟ  ଏହି ଅନନ୍ୟ ପରମ୍ପରାରେ ସାମିଲ ହେବା ପାଇଁ ଘରକୁ ଆସନ୍ତି । ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ପିଠାପଣା ଫଳମୂଳର ମହକରେ ଘର ମହକି ଉଠେ । ଏହି ପର୍ବ ଫାଲଗୁନ ଶୁକ୍ଳ  ତ୍ରୟୋଦଶୀ  ତିଥିରୁ ଆରମ୍ଭ ହୁଏ । ଏହି ଦିନର ନୀତିନିୟମକୁ ବାଟଘଷା କୁହାଯାଏ । ଗୋପାଳମାନେ ସେହି ରାତିରେ ନିଜ ନିଜ ଘରୁ ଚୁଡା, ଖୀର, ଦହି, କଦଳୀ ନେଇ ଗୋଗୋଷ୍ଠକୁ ଯାଆନ୍ତି । ଏହି ସ୍ଥାନକୁ ଜଗମୋହନ ଘର କୁହାଯାଏ । ସେଠାରେ ଭୈରବୀଙ୍କୁ  ସ୍ଥାପନା କରି ଭୋଗ ସମର୍ପଣ କରାଯାଏ । ଏହାପରେ ଗୋଠରେ ବନ୍ଦାଣ ଖୁଣ୍ଟ ପ୍ରତିଷ୍ଠା କରାଯାଏ । ଫାଲ୍‌ଗୁନ  ଚତୁର୍ଦ୍ଦଶୀ ଦିନ ଗୋପାଳ ସଂପ୍ରଦାୟଙ୍କ ପକ୍ଷରୁ କୁମ୍ଭବୁଡା ପାଳନ କରାଯାଏ ।।  କଳସୀର ଅନ୍ୟନାମ କୁମ୍ଭ । ଫାଲ୍‌ଗୁନ୍ ମାସକୁ କୁମ୍ଭ ମାସ କୁହାଯାଏ ।  ତେଣୁ କୁମ୍ଭ ପୂଜା କରିବା ଦ୍ୱାରା ଗୋପାଳମାନେ ଅଶେଷ ପୂଣ୍ୟ ଅର୍ଜନ କରିଥାନ୍ତି । ସେଦିନ ଅପରାହ୍ନରେ ନୂଆ ଭାରରେ କଳସୀକୁ ସଜାଇ ତା’ ଉପରେ ନବବସ୍ତ୍ର ଢଙ୍କାଯାଏ । ତୁରୀ, ଭେରି, ଘଣ୍ଟଘଣ୍ଟା, ଝାଞ୍ଜ, ଖୋଳ, ତାଳ, ସଂକୀର୍ତ୍ତନରେ ଗୋପାଳମାନେ ନଦୀ ବା ପୁଷ୍କରିଣୀକୁ ଯାଇ ସ୍ନାନ କରନ୍ତି, ନୂତନ ବସ୍ତ୍ର ପରିଧାନ କରନ୍ତି  ଓ କଳସୀ ଗୁଡିକୁ ପାଣି ଭରି ଘରକୁ ଆଣନ୍ତି । ଘରେ ତୁଳସୀଙ୍କ ନିକଟରେ କୁମ୍ଭକୁ ରଖି ବନ୍ଦାପନା କରନ୍ତି । ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୁଏ ଦୋଳଯାତ୍ରା । ଗୋପାଳମାନଙ୍କର ଘରଦ୍ୱାର ଗୋମୟରେ ଲିପାପୋଛା ହୋଇଥାଏ । ତୁଳସୀ ନିକଟରେ ବେଦୀ ନିର୍ମାଣ କରାଯାଇ ଝୋଟି, ମୁରୁଜରେ ସୁଶୋଭିତ କରାଯାଇଥାଏ । ଗୋପାଳମାନେ ପାହାନ୍ତା ପ୍ରହରରୁ କ୍ଷୀର ଦୋହନ ସାରି ସେ କ୍ଷୀର, ଘରେ ଥିବା ଦହି, ସର, ଲମ୍ୱାଏଣ୍ଡୁରି, ଆରିସା ପିଠା ଓ କୁମ୍ଭ ଭାରକୁ ନେଇ ଜଗମୋହନ ବନ୍ଦାଣ ଖୁଣ୍ଟକୁ ଯାଆନ୍ତି । ରାଧା ଓ କୃଷ୍ଣ ଗୋପାଳ ମାନଙ୍କର କୂଳ ଦେବତା ଗୋପାଳଙ୍କ ଆରାଧ ଦେବତା ରାଧାକୃଷ୍ଣ ଯୁଗଳ ମୂର୍ତ୍ତିକୁ ପଳାସ ଫୁଲରେ ସୁଶୋଭିତ କରାଯାଇ ବିମାନରେ ଜଗମୋହନକୁ ନିଆଯାଏ । ସେଠାରେ କୁମ୍ଭ ଭାରକୁ ନୂଆଶାଢୀରେ ଢଙ୍କାଯାଏ । ଗୋପାଳ ସମାଜର ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ କୁମ୍ଭଭାର ଏଠାକୁ ଆଣିଥାନ୍ତି । ଠାକୁରଙ୍କୁ ଭୋଗ ସମର୍ପଣ କରି ଦୋଳାରେ ଝୁଲାଯାଏ ।



ସୁସ୍ୱାଦୁ ପିଠା ସହ ବନ୍ଧୁବାନ୍ଧବଙ୍କ ଘରକୁ ଅବିର ପଠାଇବା ସେଦିନ ଗୋପାଳ ଘରର ଏକ ଚଳଣି । ସୁରକ୍ଷିତ ଜୀବନ ସହ ଭଗବାନ ଶ୍ରୀକୃଷ୍ଣଙ୍କ ଆଶିଷ ପାଇବା ପାଇଁ ଏହି ପୂଜା ବେଶ୍ ନିଷ୍ଠା ଓ ଶ୍ରଦ୍ଧାର ସହ ପାଳନ କରାଯାଏ । ଗୋପାଳମାନେ କୁମ୍ଭ ବୁଡାଇ ସେହି ପାଣିରେ ସେମାନଙ୍କ ଗୋବନ୍ଦନା କରିବା ସହ ଘର ବାଡିରେ ସିଞ୍ଚନ କରିଥାନ୍ତି ଓ ନିଜ ଘରେ ସେହି କଳସୀକୁ ରଖି ପୂଜା କରିଥାନ୍ତି । କଳସୀର ପାଣିକୁ ବାଡିବଗିଚାରେ ସିଞ୍ଚନ କଲେ ଭଲ ଫସଲ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ଦ୍ୱାପର ଯୁଗରେ ଗୋପପୁରରେ ଶ୍ରୀକୃଷ୍ଣ ଓ ବଳରାମ ଅନ୍ୟ ଗୋପାଳ ସାଥୀମାନଙ୍କ ସହ ଗାଈ ଚରାଇବା ବେଳେ ଦୁଇ ହାତରେ ଲଉଡି ଧରି ବିରତା ପ୍ରଦର୍ଶନ ପୂର୍ବକ ଖେଳି ଖେଳି  ମନୋରଂଜନ କରୁଥିଲେ । ଗୋଟିଏ ଦଳ ବାଡିଧରି ଆକ୍ରମଣ କରୁଥିବାବେଳେ ଅନ୍ୟଦଳ ବିଭିନ୍ନ କୈଶଳ ପ୍ରଦର୍ଶନ କରି ବାଡି ସାହାଯ୍ୟରେ ଆକ୍ରମଣକୁ ପ୍ରତିହତ କରୁଥିଲେ । ଗୋପାଳ ବା ଯାଦବ ପୁରୁଷମାନଙ୍କର ନିଜର ଶକ୍ତି, ପରାକ୍ରମ ତଥା ବାଡିର ଅନନ୍ୟ କଳାକୌଶଳ ପ୍ରଦର୍ଶନକୁ ବାଡିଖେଳ ବା ଲଉଡି ଖେଳ କୁହାଯାଏ । କେତକ ସ୍ଥାନରେ ଏହାକୁ ଦାଣ୍ଡି ଖେଳ ମଧ କୁହାଯାଏ । ଏହା ଧର୍ମଭିତ୍ତିକ, ରଣକୌଶଳ ପଦର୍ଶନ କରାଯାଉଥିବା ଏକ ଲୋକ ନୃତ୍ୟ । ଦୋଳଯାତ୍ରା ସମୟରେ ଗୋପାଳମାନଙ୍କର ଲଉଡିଖେଳ ଓଡିଶାର ଏକ ପ୍ରସିଦ୍ଧ ଲୋକନୃତ୍ୟ । ଜଳକଳସୀ ଭାରକୁ ପରିକ୍ରମା କରିବା ସମୟରେ  ଗୋପାଳମାନେ ଏକାପରି ରଙ୍ଗର ବେଶରେ ସଜ୍ଜିତ ହୋଇ ଅଣ୍ଟାରେ କାଛଟା, ଘାଗୁଡି, ବଂଶୀ ବାନ୍ଧନ୍ତି । ମଥାରେ ଠେକା ବାନ୍ଧି ଯାମୁଡାଳ ଖୋସନ୍ତି ଓ ଗଳାରେ ଫୁଲହାର ପିନ୍ଧନ୍ତି । ଦୁଇ ହାତରେ ଥାଏ ଦୁଇ ଲଉଡି  । ଲଉଡି ଭେରୁ ବା କେନ୍ଦୁ କାଠରେ ପ୍ରସ୍ତୁତ ହୋଇଥାଏ । ଏହାର ମାପ ଥାଏ ଏକହାତ ଚାଖଣ୍ଡେ । ଏହି ବାଡି ଖେଳ ଏକ ଦଳଗତ ନୃତ୍ୟ ଯେଉଁଠି  ଅନେକ ଗୋପାଳ ଅଂଶଗ୍ରହଣ କରିଥାନ୍ତି । ଜଣେ ଜଣେ ଦଳପତିଙ୍କ ଅଧିନାୟକତ୍ୱରେ ଗୋପାଳମାନେ ଗୋଷ୍ଠୀଗତ ଭାବେ ବିଭକ୍ତ ହୋଇ ଲଉଡି ବାଡିର ତାଳେ ତାଳେ ନାଚି ଉଠନ୍ତି । ବିଭିନ୍ନ ଶୈଳୀରେ ନୃତ୍ୟ ପରିବେଷଣ କରିଥାନ୍ତି । ମଝିରେ ମଝିରେ ବାଜି ଉଠେ ମଈଁଷିର ଶିଙ୍ଘା । ଏହି ଖେଳ ସାଙ୍ଗରେ ଯେଉଁ ଗୀତ ବୋଲିଥାନ୍ତି ତାକୁ ଗୋପାଳଙ୍କ ଓଗାଳ କୁହାଯାଏ । ମହାପ୍ରଭୁ ଅଚ୍ୟୁତାନନ୍ଦଙ୍କ ବୀରଚିତ ‘ଗୋପାଳ ଓଗାଳ’ରେ ଗୋମାତାଙ୍କ ମହାତ୍ମ୍ୟ ଗାନ ସାଙ୍ଗକୁ ବାଦ୍ୟର ତାଳେ ତାଳେ ଗୋପାଳମାନେ ପ୍ରତ୍ୟେକ ନିଜର ଡାହାଣ ଓ ବାମ ପାଖରେ ଥିବା ସହଯୋଗୀମାନଙ୍କ ବାଡି ସହିତ ନିଜ ବାଡିକୁ ପିଟି ଯେଉଁ ଶବ୍ଦ ସୃଷ୍ଟି କରିଥାନ୍ତି ତାହା ଅପୂର୍ବ ଝଙ୍କାର ସୃଷ୍ଟି କରିଥାଏ । ଗୋପାଳଙ୍କ ଓଗାଳ ଗାନ ଭିତରେ ରାଧାକୃଷ୍ଣଙ୍କ ପ୍ରେମ ଓ ଗୁଣକୀର୍ତ୍ତନ କରାଯାଇଥାଏ । ଲଉଡି ଖେଳ ସହିତ ଘଣ୍ଟିଘାଘୁଡିର ରୁମ୍ ଝୁମ୍ ସ୍ୱନ, ଶିଙ୍ଘା ସହିତ ପାଇକାଳି ଖେଳ, ବୀର ଚିତ୍କାର ଓ ରମଣୀମାନଙ୍କର ସୁମଧୁର ହୁଳହୁଳି ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ । ସାମରିକ କଳା କୌଶଳ ଗୋପାଳଙ୍କ ଶରୀର ବୀର ରକ୍ତର ପ୍ରବାହକୁ ଆହୁରି ଗତିଶୀଳ କରାଇଥାଏ । ଗୋପାଳଙ୍କ ବଂଶୀ, ଶଂଖ, ଶିଙ୍ଗା, ମର୍ଦ୍ଦଳ, ଘଣ୍ଟ ବାଡିଓ ଘାଗୁଡି ଧ୍ୱନି ସହ ଦଳଗତ ବାଡିଖେଳରେ ରାଧା କୃଷ୍ଣଙ୍କ ମନମତାଣିଆ ଲିଳା ବର୍ଣ୍ଣନା ଓଗାଳ ଗାନ ଏହି ପର୍ବକୁ ଅଧିକ ମଧୁର ଓ ରସମୟ କରିଦିଏ । ଏହି ନୃତ୍ୟରେ ଜୟ-ପରାଜୟ, ଥଟ୍ଟାପରିହାସ, ଦେବଦେବୀ ବନ୍ଦନା ଆଦି ମନୋରଂଜନର ଉପାଦାନ ପରିପୃଷ୍ଟ ହୋଇଥାଏ ।   ଜଗମୋହନରୁ ରାଧାକୃଷ୍ଣଙ୍କୁ ପାରମ୍ପରିକ ପୂଜାର୍ଚ୍ଚନା ଓ ଭୋଗ ଅର୍ପଣ ପରେ ମଦନ ମୋହନ ବେଷରେ ସୁସର୍ଜିତ ଜରି କାଗଜ, ସୋଲ, ପଳାସ ଫୁଲ ଓ ପାଟକନାରେ ସଜ୍ଜିତ ବିମାନ ହୁକୁମ୍ ଧାବଲ୍ ସ୍ୱରରେ ଢଳି ଢଳି ଗ୍ରାମ ପରିକ୍ରମା କରିଥାଏ । ବିମାନ ସାଙ୍ଗରେ ଅଢେଣୀ. ତରାସ, ଚାମର, ଧ୍ୱଜା, ସଂକୀର୍ତ୍ତନ ସହକାରେ ଗୋପାଳମାନେ ତାଙ୍କ ପ୍ରିୟ ଠାକୁରଙ୍କୁ ସାଙ୍ଗରେ ନେଇ ଚାଲିଥାନ୍ତି । ଶ୍ରୀକୃଷ୍ଣଙ୍କୁ ଗୋପାଳ କୁହାଯାଏ । ତେଣୁ ଏହି ଦୋଳକୁ ଗୋପାଳମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୋହିନିଅନ୍ତି । ଭଗବାନ ଶ୍ରୀକୃଷ୍ଣ ବସନ୍ତ ଉତ୍ସବର ଆରାଧ୍ୟ ଦେବତା । ନୂତନ ଶିକା, ନୂତନ ବାହୁଙ୍ଗି ଓ କଳସୀ ଭାରରେ ଗୋପାଳମାନେ ପାଣି ବହନ କରି ଗୋଠ ପରିକ୍ରମା କରିଥାନ୍ତି । କୃଷ୍ଣଙ୍କ ଭଜନ, କୀର୍ତ୍ତନ ଗାନ କରି ଫଗୁ ଖେଳନ୍ତି । ଫଗୁଣର ଫଗୁ ଖେଳରେ ପ୍ରକୃତି ପୁରୁଷ ଏକାକାର ହୋଇଯାନ୍ତି । ରାଧାକୃଷ୍ଣ ପ୍ରତ୍ୟେକ ଗୋପାଳ ପରିବାରକୁ ଯାଇଥାନ୍ତି । ରୋଷ ପଟୁଆର ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିବା ପରେ ଠାକୁରଙ୍କୁ ବନ୍ଦାପନା କରାଯାଏ ।  ପ୍ରତ୍ୟେକ ଗୋପାଳ ପରିବାର ଭୋଗ ଥାଳି ସେଠାକୁ ଆଣନ୍ତି । ଲଉଡି ଖେଳାଳି ଓ ବାହୁଙ୍ଗି ବାହକ ଗୋପାଳଙ୍କ ଓଗାଳ ବୋଲି ସାତ ଘେରା ପରିକ୍ରମା କରନ୍ତି । ଠାକୁରଙ୍କୁ ଦକ୍ଷିଣାଭିମୁଖୀ କରି ଝୁଲଣରେ ଝୁଲାଯାଏ । କାରଣ ଶ୍ରୀକୃଷ୍ଣଙ୍କୁ ଦକ୍ଷିଣାଭିମୁଖେ ଦର୍ଶନ କଲେ ସର୍ବପାପ ହରଣ ହୋଇଥାଏ । ଗୋପାଳମାନେ ନିଜ ନିଜର ବାହୁଙ୍ଗୀ  ଓ କଳସୀ ଭାର ନେଇ ଘରକୁ ଯାଆନ୍ତି । ତୁଳସୀ ପାଖରେ କଳସୀ ଥାକର ଉପର କଳସୀରୁ କ୍ଷୀର ଢଳାଯାଏ । କ୍ଷୀର କଳସୀ ଅତିକ୍ରମ କରି ଭୂମି ସ୍ପର୍ଶ କରେ । କଳସୀକୁ ଗୋପାଳ କୁଳବଧୂମାନେ ଇସାଣ କୋଣକୁ ନେଇ ବନ୍ଦାପନା କରନ୍ତି । ରାଧାକୃଷ୍ଣଙ୍କୁ ଦୋଳମଣ୍ଡପକୁ ନିଆଯାଏ । ଉପସ୍ଥିତ ସେବାୟତମାନେ ପ୍ରଭୁଙ୍କ ସେବାକାର୍ଯ୍ୟ ସମାପନ କରିବା ପରେ ଦୋଳିରେ ବିଜେ କରାନ୍ତି । ଭକ୍ତମାନେ ଏହି ମଣ୍ଡପରେ ଠାକୁରଙ୍କୁ ଝୁଲାଇ ଝୁଲାଇ ଆନନ୍ଦ ଉପଭୋଗ କରନ୍ତି । ରାତିରେ ଠାକୁର ଝୁଲଣରେ ଥାଆନ୍ତି । ଏହି ଅବସରର ମେଳଣ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୁଏ । ଶତ୍ରୁତା ଓ ବିବାଦ ଭୁଲି ଭାତୃତ୍ୱ, ବନ୍ଧୁତ୍ୱ ଓ ସହଯୋଗର ବାର୍ତ୍ତା ବହନ କରି ଗୋପାଳ ଜାତି ଏକତ୍ର ହୋଇ ଏହି ବାସନ୍ତିକ ମହୋତ୍ସବକୁ ପାଳନ କରନ୍ତି ।

ଦୋଳପର୍ବ ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ସମଗ୍ର ମାନବ ଜାତିର ଏକ ଗଣପର୍ବରେ ପରିଣତ ହୋଇଥିଲେ ମଧ ଗୋପାଳମାନଙ୍କର କୌଳିକ ପର୍ବର ମାନ୍ୟତା ପାଇଛି । ଦୋଳପର୍ବ କେବଳ ସୌହାର୍ଦ୍ଦ୍ୟର ପର୍ବ ନୁହେଁ । ଏହା ରାଧା କୃଷ୍ଣ ଉପାସନା ଓ ଗୋପୂଜାର ଏକ ତାତ୍ତ୍ୱିକ ପରମ୍ପରା । ଏହା ଦ୍ୱାରା ଆଧାତ୍ମିକତା ଓ ଗୋମାତା ପ୍ରତି ମାନବ ସମାଜର ସମ୍ମାନ ଓ କୃତଜ୍ଞତା ଉଦ୍ରେକ ହୋଇଥାଏ । ଗୋପାଳ ସମାଜର ଏହି ପାରମ୍ପରିକ ଲଉଡି ଖେଳ କ୍ରମେ ଆଧୁନିକତାର  ସ୍ପର୍ଶରେ ଲୋପ ପାଇଯିବାକୁ ବସିଥିଲେ ହେଁ ଦୋଳ ପୂର୍ଣ୍ଣିମା ଅବସରରେ ଏହି ନିଆରା ବାଡିଖେଳକୁ ଦେଖିବାର ଅପୂର୍ବ ସୁଯୋଗ ମିଳିଥାଏ ।

ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ମନୋରଞ୍ଜନ



# ବାହାହେଲେ ରଶ୍ମିକା

ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମାନ୍ଧନା ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ସେମାନେ ଯେତିକି ଖୁସି ଅଛନ୍ତି, ସେମାନଙ୍କ ଫ୍ୟାନ୍‌ମାନେ ମଧ୍ୟ ତା'ଠାରୁ ଅଧିକ ଖୁସି ଅଛନ୍ତି। ସାଉଥ ଫିଲ୍ମ ଜଗତର ଚର୍ଚ୍ଚିତ ଯୋଡ଼ି ହେଉଛନ୍ତି ବିଜୟ ଏବଂ ରଶ୍ମିକା। ବିବାହ ପରେ ଫ୍ୟାନ୍ସଙ୍କ ପାଇଁ ପ୍ରଥମ ଫଟୋ ସେୟାର କରିଛନ୍ତି ଏହି ଷ୍ଟାର କପଲ୍। ଯାହାକୁ ଫ୍ୟାନ୍ସମାନେ ସେୟାର କରିବା ସହ କମେଣ୍ଟରେ ଶୁଭେଚ୍ଛା ଜଣାଉଛନ୍ତି। ୨୦୧୭ ମସିହାରେ ଉଭୟ ଏକ ଫିଲ୍ମର ସୁଟିଂ ସେଟରେ ପ୍ରଥମେ ଭେଟ ହୋଇଥିଲେ। ଏହି ଯୋଡ଼ି ଅନେକ ହିଟ୍ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିନାହାନ୍ତି କେବଳ ଅନେକଙ୍କ ପାଇଁ ଫେଭରିଟ୍ ମଧ୍ୟ ହୋଇଛନ୍ତି। 'ଇଏ ହେଉଛନ୍ତି ସେହି ବ୍ୟକ୍ତି ଯିଏ ମୋତେ ପ୍ରକୃତ ପ୍ରେମ କିପରି ଅନୁଭବ ହୁଏ ତାହା ଶିଖାଇଥିଲେ। ଏହାସହ ଶାନ୍ତିରେ କେମିତି ରହିହେବ ଏବଂ ବଡ଼ ସ୍ୱପ୍ନ ଦେଖାଇଛନ୍ତି । 'ସେହି ବ୍ୟକ୍ତି ଯିଏ ମୋତେ କେବେ ନାଚିବା ପାଇଁ ବାରଣ କରି ନଥିଲେ' ବୋଲି କହିଛନ୍ତି ରଶ୍ମିକା। ବିବାହ ପୋଷାକରେ ଉଭୟଙ୍କ ଭଲ ପାଉଥିବାର ଫଟୋ ସେୟାର କରିଛନ୍ତି। ରଶ୍ମିକା ଫଟୋ ସେୟାର କରିବା ସହ କ୍ୟାପସନରେ ନିଜର ପ୍ରେମ ପ୍ରକାଶ କରିଛନ୍ତି। ବିଜୟ ମଧ ଏକ ପୋଷ୍ଟ ମାଧ୍ୟମରେ ନିଜର ବିବାହ ଅନୁଭବକୁ ଶେୟାର କରିଛନ୍ତି।





# ବଡ଼ ପରଦାକୁ ଆସିଲା 'କାନ୍ଦ ମାଷ୍ଟ୍ରେ'

ବଡ଼ ପରଦାରେ ଏବେ 'କାନ୍ଦ ମାଷ୍ଟ୍ରେ'। ବିଶ୍ୱଜିତ୍ ଇତିଶ୍ରୀ ସିନେମା ବ୍ୟାନରରେ ନିର୍ମିତ କାନ୍ଦ ମାଷ୍ଟ୍ରେର ପ୍ରଯୋଜନା ଓ ନିର୍ଦ୍ଦେଶନା ଭାର ଗ୍ରହଣ କରିଛନ୍ତି ବିଶ୍ୱଜିତ ପଣ୍ଡା। ଏହା ସହିତ କ୍ରିଏଟିଭ ପ୍ରଡ୍ୟୁସର ଭାବରେ କାମ କରିଛନ୍ତି ଇତିଶ୍ରୀ ପାଣିଗ୍ରାହୀ। ଏହାର କାହାଣୀ ଓ ସଂଳାପ ଜଣାଶୁଣା ନାଟ୍ୟକାର ତଥା ସାମ୍ବାଦିକ ଜାକିର ଖାନ୍ ଲେଖିଥିବା ବେଳେ ଚିତ୍ରନାଟ୍ୟରେ ଅଛନ୍ତି ଜାକିର ଓ ନିର୍ଦ୍ଦେଶକ ବିଶ୍ୱଜିତ। ବାପଘରୁ ବିଦାୟ ନେବା ବେଳେ ବାପା-ମା' ଓ ବନ୍ଧୁବାନ୍ଧବଙ୍କୁ ଧରି ଝିଅଟିଏ କାନ୍ଦିଥାଏ। କାନ୍ଦର ପରମ୍ପରା ଧୀରେ ଧୀରେ ତ ନୁହେଁ ପ୍ରାୟ ଏକପ୍ରକାର ଲୋପ ପାଇଲାଣି। ଏଭଳି ଏକ ଥିମ୍‌କୁ ନେଇ ନିର୍ମାଣ କରାଯାଇଛି 'କାନ୍ଦ ମାଷ୍ଟ୍ରେ'। 'କାନ୍ଦ ମାଷ୍ଟ୍ରେ'ରେ ଲିପ୍‌ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ ଓ ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ସିନେମାଟୋଗ୍ରାଫି ସ୍ୱର୍ଣ୍ଣ ପ୍ରସାଦ କରିଥିବା ବେଳେ ସମ୍ପାଦନା କରିଛନ୍ତି କୃତାର୍ଥ ଚିତ୍ତରଞ୍ଜନ ନାଟେକର ଓ ମଣ୍ଟୁ। ବିକାଶ ଦାସ ଓ ଶାନ୍ତନୁ ନାୟକ ଏହାର ସ୍ୱର ସଂଯୋଜନା କରିଥିବା ବେଳେ ବାପୁ ଗୋସ୍ୱାମୀ ଓ ସନ୍ତୋଷ ନାୟକ ଗୀତ ରଚନା କରିଛନ୍ତି।




# ଟିଭି ପ୍ରିମିୟରରେ 'ଚନ୍ଦ୍ରବଂଶୀ'

ଓଡ଼ିଆ ଚଳଚ୍ଚିତ୍ର 'ଚନ୍ଦ୍ରବଂଶୀ' ର ୱାର୍ଲ୍ଡ ଟିଭି ପ୍ରିମିୟର ହେବାକୁ ଯାଉଛି ଜୀ ସାର୍ଥକରେ। 'ଚନ୍ଦ୍ରବଂଶୀ' ହେଉଛି ଏକ ରୋମାଞ୍ଚକର ଆକ୍ସନ-ଡ୍ରାମା ଯେଉଁଥିରେ ପରମ୍ପରା ଅନୁଯାୟୀ ଉତ୍ତରାଧିକାର ପାଲଟିଯାଇଛି ଅଭିଶାପ ରୂପରେ। ଏକ ଶକ୍ତିଶାଳୀ ତଥା ପ୍ରଭାବଶାଳୀ ବଂଶରେ ଉତ୍ତରାଧିକାରୀ ସାଜିଥିବା ମୁଖ୍ୟ ନାୟକ ଛନ୍ଦି ହୋଇଯାଇଛନ୍ତି କ୍ଷମତା, ସଂଘର୍ଷ, ଲୁଚି ରହିଥିବା ରହସ୍ୟ ଏବଂ ପୁରୁଣା ଶତ୍ରୁତା ମଧରେ। ଯେତେବେଳେ ଲୁକ୍କାୟିତ ସତ୍ୟ ସାମ୍ନାକୁ ଆସିବାକୁ ଲାଗେ, ରକ୍ତର ସମ୍ପର୍କର ପ୍ରକୃତ ପରୀକ୍ଷା ହୁଏ ଏବଂ ସମ୍ପର୍କଗୁଡ଼ିକ ବିଶ୍ୱାସଘାତକତାର ସୀମାକୁ ପାରି ହୋଇଯାଏ। ଏହି ଚଳଚ୍ଚିତ୍ରଟି ପ୍ରତିଶୋଧ ଏବଂ ନ୍ୟାୟ, ଅହଂକାର ଏବଂ ମାନବିକତା ମଧରେ ଥିବା ଭାବପ୍ରବଣ ସଂଘର୍ଷକୁ ଅତ୍ୟନ୍ତ ସୁନ୍ଦର ଭାବରେ ଦର୍ଶାଇଛି। ଚଳଚ୍ଚିତ୍ରରେ ଓଲିଉଡର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ପୁନମ ମିଶ୍ର, ଲିପ୍ସା ମିଶ୍ର, ଶ୍ରୀତମ ଦାସ, ଉଷସୀ ମିଶ୍ର ଏବଂ ରାଜ ରାଜେଶ ପ୍ରମୁଖ ଲୋକପ୍ରିୟ କଳାକାର ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଯଶ ଓ ସୁନୀଲ ଦେଇଥିବା ବେଳେ ଏହାର ପ୍ରଯୋଜନା ପ୍ରୀତମ ସାହୁ କରିଛନ୍ତି। ଅସଦ ନିଜାମ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।



## ମାର୍ଚ୍ଚରୁ ମେଗା ଧାରାବାହିକ

# 'କିଛି ସତ କିଛି ମିଛ'




ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ' ଏହାର ନୂତନ ମେଗା ସିରିଏଲ୍ 'କିଛି ସତ କିଛି ମିଛ' ମାଧମରେ ଦର୍ଶକଙ୍କୁ ଏକ ଭିନ୍ନ ସ୍ୱାଦର କାହାଣୀ ଭେଟି ଦେବାକୁ ଯାଉଛି। କେନ୍ଦ୍ରାପଡ଼ାର ଏକ ଶାନ୍ତ ଉପକୂଳବର୍ତ୍ତୀ ଗ୍ରାମର ପୃଷ୍ଠଭୂମିରେ ଆଧାରିତ ଏହି ଧାରାବାହିକରେ ଦୁଇ ଭଉଣୀଙ୍କ ଭାବପ୍ରବଣ ସମ୍ପର୍କର ଯାତ୍ରାକୁ ଦର୍ଶାଯାଇଛି। କାହାଣୀରେ ମୋଡ଼ ଆସେ ଯେତେବେଳେ ଛବି ଧୀରେ ଧୀରେ ମଙ୍ଗରାଜ ପରିବାରର ପୁଅ 'ଆଲୋକ' ସହ ପ୍ରେମରେ ପଡ଼ିଯାଏ। ଅନ୍ୟପଟେ ଛାୟା ନାମକ ଯୁବତୀର ପ୍ରତିଶୋଧ ପରାୟଣ ମନୋଭାବ। ପ୍ରତିଶୋଧ ଏବଂ ନ୍ୟାୟର ନିଆଁରେ ଜଳୁଥିବା ଛାୟା ନେବ କି ପ୍ରତିଶୋଧ, ଯଦି ନେବ କିପରି ? ଦୁଇ ଭଉଣୀଙ୍କ ସମ୍ପର୍କ କିପରି ହେବ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଏହି ନୂତନ ମେଗା ଧାରାବାହିକ 'କିଛି ସତ କିଛି ମିଛ'ରେ। ଏହି ମେଗା ସିରିଏଲ୍‌ରେ ଆଲୋକ ଭୂମିକାରେ ଆର୍ଯ୍ୟ ପ୍ରଧାନ, ଛବି ଭୂମିକାରେ ଅର୍ଚ୍ଚିତା ରାଉତ ଏବଂ ଛାୟା ଭୂମିକାରେ ଅଦିତି ଦାଶ ଅଭିନୟ କରିଛନ୍ତି। ଭଲପାଇବା, ବିଶ୍ୱସ୍ତତା, ସତ୍ୟ ଏବଂ ପ୍ରତାରଣାର ସମନ୍ୱୟରେ ଗଢ଼ା ଧାରାବାହିକ ପ୍ରମାଣ କରେ ଯେ, କେବେ କେବେ ସତ ଏବଂ ମିଛ ମଧରେ ଥିବା ସୀମାରେଖା ଅତି ସୂକ୍ଷ୍ମ ହୋଇଥାଏ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ। ଏହି ମେଗା ଧାରାବାହିକ ଆସନ୍ତା ମାର୍ଚ୍ଚ ୨ ତାରିଖରୁ ସୋମବାର ରୁ ଶନିବାର ରାତି ୮ଟାରେ ପ୍ରସାରିତ ହେବ।

# 'ରଜ କୁଇନ୍' ଫ୍ଲାଗସିପ୍ ରିଆଲିଟି ଶୋ'୨୮ରୁ ଅଡିସନ୍ ଆରମ୍ଭ

ଜୀ ସାର୍ଥକ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିରେ ରଖି ଭେଟି ଦେଉଥିବା ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ପାଇଁ ଓଡ଼ିଶାରେ ଏକ ନମ୍ବର ହୋଇ ପାରିଛି। ଓଡ଼ିଶାର ପାରମ୍ପରିକ ପର୍ବ ରଜ ଉପଲକ୍ଷେ ନାରୀତ୍ୱ, ପରମ୍ପରା ଏବଂ ସଂସ୍କୃତିକୁ ସମ୍ମାନ ଜଣାଇବା ପାଇଁ ଜୀ ସାର୍ଥକର ସବୁଠାରୁ ଲୋକପ୍ରିୟ ରିଆଲିଟି ଶୋ 'ରଜ କୁଇନ୍' ପୁଣିଥରେ ଏହାର ରୋମାଞ୍ଚକର ଯାତ୍ରା ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ପୂର୍ବ ବର୍ଷ ଅପେକ୍ଷା ଏହି ବର୍ଷ 'ରଜ କୁଇନ୍'ରେ କିଛି ନୂତନତ୍ୱ ସହିତ ଆହୁରି ଦମଦାର ହେବ। ଆଗାମୀ 'ରଜ କୁଇନ୍' ଖୋଜିବା ପାଇଁ ଓଡ଼ିଶାର ବିଭିନ୍ନ ସହରରେ ଗ୍ରାଉଣ୍ଡ ଅଡିସନ୍ ଆରମ୍ଭ ହୋଇଯାଇଛି। ଫେବୃଆରୀ ୨୮ରୁ ଭୁବନେଶ୍ୱରରେ ଆରମ୍ଭ ହୋଇଥିବାବେଳେ, ମାର୍ଚ୍ଚ ୭ ତାରିଖରେ ଭଦ୍ରକ ଏବଂ ଜଗତସିଂହପୁର, ମାର୍ଚ୍ଚ ୮ ତାରିଖରେ ଯାଜପୁର, ମାର୍ଚ୍ଚ ୧୧ରେ ବାରିପଦା, ମାର୍ଚ୍ଚ ୧୪ରେ ବ୍ରହ୍ମପୁର, ମାର୍ଚ୍ଚ ୧୫ରେ କଟକ, ମାର୍ଚ୍ଚ ୧୭ ରେ ସମ୍ବଲପୁର, ମାର୍ଚ୍ଚ ୧୯ରେ ଜଗତପୁର ( ଅଲ୍ ଓଡ଼ିଶା ଅଡିସନ୍), କଟକରେ ଅନୁଷ୍ଠିତ ହେବ। ରାଜ୍ୟର କୋଣ ଅନୁକୋଣରେ ଥିବା ପ୍ରତିଭାବାନ ଯୁବତୀମାନଙ୍କୁ (୧୮ ରୁ ୨୫ ବର୍ଷ ମଧରେ) ନିଜର ପ୍ରତିଭା ଦେଖାଇବା ପାଇଁ ଏହି ଅଡିସନ୍ ଏକ ସୁବର୍ଣ୍ଣ ସୁଯୋଗ।

# ପରୀକ୍ଷା ପାଇଁ ପ୍ରସ୍ତୁତି କିପରି ହେବ ?



ଡାକ୍ତର ସମ୍ରାଟ କର

ପରୀକ୍ଷା ପୂର୍ବରୁ ପ୍ରସ୍ତୁତି : ପ୍ରଥମେ ଖାଇବା ଓ ଶୋଇବା ବିଷୟରେ ଆଲୋଚନା କରିବା। ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ। କେତେଜଣ ବହି ଧରି ଶୁଅନ୍ତି। ଏପରି ହେଲେ ନିଦରେ ବା ସ୍ୱପ୍ନରେ ମଧ୍ୟ କେବଳ ପାଠ ମନେ ପଡ଼ିବ। ଦିନସାରା ମନ ଅସ୍ଥିର ଓ ବାଉଳା ଲାଗିବ। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବାର ଅଭ୍ୟାସ କର। ପ୍ରତ୍ୟେକ ପ୍ରଶ୍ନକୁ ଭାବିକି ଲେଖିବା ପାଇଁ ପରୀକ୍ଷା ହୁଏ। ଠିକ୍ ଭାବେ ନ ଶୋଇଲେ, ଭାବନା ମଧ୍ୟ ସଠିକ ହେବନାହିଁ। ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ। ମଧ୍ୟାହ୍ନ ଓ ରାତ୍ରିଭୋଜନ ଆଦି ଭାରି ଖାଦ୍ୟ ଖାଇବାର ଅଧ ଘଣ୍ଟାରୁ ଘଣ୍ଟାଏ ମଧ୍ୟରେ ପାଠ ପଢ଼ ନାହିଁ। ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ଟିକିଏ କମ୍ ରକ୍ତ ସଞ୍ଚାଳନ ହୁଏ। ଟିକିଏ ନିଦୁଆ ଲାଗେ। ପାଠ ଠିକ୍ ଭାବେ ମନେ ରହେ ନାହିଁ। ସୂଚୀ : ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର। କେଉଁ ପାଠ ଅଛି ? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ ? କଅଣ ମନେ ରହୁନାହିଁ ? ପାଠଟି ବୁଝିକରି ମନେ ରଖିବା ପାଇଁ କେତେ ସମୟ ଲାଗିବ ? ଏହାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ସମୟ ହାତରେ ରଖ। ତାଲିକା : ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ। ତେଣୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ। ଗୃହିଣୀ ଓ ଚାକିରି କରି ପାଠ ପଢୁଥିବା ପିଲାମାନେ ଘରକାମ, ଅଫିସକାମ ଓ ପିଲାକାମ ସାରି ପଢ଼ି ବସନ୍ତୁ। ତା'ହେଲେ ମନ ଅସ୍ଥିର ହେବନାହିଁ। ପାଠରେ ମନ ଲାଗିବ। ପରିବେଶ : ପାଠପଢ଼ା ପରିବେଶକୁ ଠିକ୍ ରଖ। ପାଖରେ ଖାତା, ପେନ୍, ପେନ୍‌ସିଲ ଓ ଘଣ୍ଟାକୁ ରଖିବ। ବହିଗୁଡ଼ିକ ଠିକ ଜାଗାରେ ଶୃଙ୍ଖଳିତ କରି ରଖିଲେ କାଢ଼ିବା ସମୟରେ ସହଜ ହେବ। ଅଧିକ ସମୟ ନଷ୍ଟ ହେବନାହିଁ ଓ ମନ ଅସ୍ଥିର ହେବନାହିଁ। ଏକାଥରକେ ଚାରି ପାଞ୍ଚଘଣ୍ଟା ବସି ପାଠ ପଢ଼ ନାହିଁ। ପ୍ରାୟ ୪୫ ମିନିଟରୁ ୧ ଘଣ୍ଟା ପଢ଼ିବା ପରେ ପାଞ୍ଚ ଦଶ ମିନିଟର ବ୍ରେକ୍ ନିଅ। ଏହି ସମୟରେ ଅଲଗା କିଛି କର। ନିତିଦିନିଆ ଅଭ୍ୟାସ ରଖ। ଖାଇବା ଓ ଶୋଇବା ହଠାତ୍ କମ କରନାହିଁ। ନିଜେ ନିଜକୁ ପୁରସ୍କାର ଦିଅ। ଉଦାହରଣ : ଆଜି ଯଦି ମୁଁ ଏତିକି ପାଠ ସାରିଦେବି, ତେବେ ମୁଁ ଏତିକି ସମୟ ଖେଳିବି ବା ଟିଭି କାର୍ଯ୍ୟକ୍ରମ ଦେଖିବି।

ପରୀକ୍ଷା ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତି : (କ) ଶେଷ ଦଶ ବର୍ଷର ପରୀକ୍ଷା ପ୍ରଶ୍ନ ଆଣି ପାଖରେ ରଖ। କେଉଁ ପ୍ରକାର ପ୍ରଶ୍ନ ପଡୁଛି ଲକ୍ଷ୍ୟ କର। ବର୍ତ୍ତମାନ ନିଜକୁ ପ୍ରଶ୍ନ କର ଯେ କେଉଁ ପ୍ରକାର ପଢ଼ିବ ଓ କିପରି ? ନିଜ ପାଖରେ କଅଣ ଅଛି ? ବହି, ଟେଷ୍ଟପେପର ଓ ନୋଟସ୍ ଆଦିକୁ ଶୃଙ୍ଖଳିତ ଭାବେ ରଖ। (ଖ) ଯେ କୌଣସି ବିଷୟ ପଢ଼ିବା ସମୟରେ ଏହାର ଶିରୋନାମା ବା ଶୀର୍ଷରେ ଉଲ୍ଲେଖିତ ବିଷୟ ଓ ଏଥିରେ ଥିବା ମୁଖ୍ୟ କଳ୍ପନା ବା ଭାବନା ଖୁବ୍ ଭଲଭାବେ ବୁଝ ଓ ମନେରଖ। ଧୀରେ ଧୀରେ ବାକି ପାଠ ମଧ୍ୟ ମନେ ରହିବ। (ଗ) ଯେଉଁ ବିଷୟଟିକୁ ପଢ଼ିଲ, ସେ ବିଷୟଟିକୁ ପରେ ମନେ ପକାଅ, ଲେଖ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କର। (ଘ) କେତେ ବୁଝିଲ ଓ ମନେ ରଖିଲ ଏହା ନିଜେ ନିଜକୁ ପ୍ରଶ୍ନ କର। ଆଉଥରେ ବିଷୟଟିକୁ ପଢ଼।

ପରୀକ୍ଷା ସମୟରେ ମାନସିକ ସମସ୍ୟା : ପରୀକ୍ଷା ସମୟରେ ପିଲାମାନେ ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ କୌଣସ ପାଠ ଠିକ୍ ଭାବେ ମନେ ରହୁନାହିଁ। ମନ ଅସ୍ଥିର ହେବା : ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇ କୁଆଡ଼େ ପଳାଏ, ସେଠୁ ପୁଣି ଆଉ କୁଆଡ଼େ। ଆମେ ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି। ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ। କାରଣ : ମନ ଅସ୍ଥିର ହେବାର ମୁଖ୍ୟ କାରଣ ହେଉଛି ମାନସିକ ଚାପ। ଏହି ଚାପ ଘରେ ଓ ବାହାରେ ହୋଇଥିବା ଗଣ୍ଡଗୋଳ, ଆର୍ଥିକ ଅନଟନ, ନିଜ ଲୋକଙ୍କ ଦେହ ଖରାପ ଇତ୍ୟାଦି ଯୋଗୁଁ ହୋଇପାରେ। ଭୋଜିଭାତ, ଭଲ ଟିଭି କାର୍ଯ୍ୟକ୍ରମ ବା ଖେଳିବାର ମନ ଥିଲେ ମଧ୍ୟ ମାନସିକ ଚାପ ପଡ଼ି ମନ ଅସ୍ଥିର ରହେ। ମାନସିକ ସମସ୍ୟା ଯଥା ମାନସିକ ବିଷାଦ ଓ ଉଦ୍‌ବେଗ ଯୋଗୁଁ ମଧ୍ୟ ଏହା ହୋଇପାରେ।

ମନକୁ କିପରି ସ୍ଥିର ରଖିବ : ଶାନ୍ତ ପରିବେଶରେ ପାଠପଢ଼। ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତି କରି ସେଇ ଅନୁସାରେ ପାଠ ପଢ଼। ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି। ଅତ୍ୟଧିକ ଛାନିଆ ହେବା : କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଛାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି। ଭଲକରି ପାଠ ମନେଥିଲେ ମଧ୍ୟ ପରୀକ୍ଷାରେ ଲେଖିପାରନ୍ତି ନାହିଁ। ପରୀକ୍ଷା ପୂର୍ବରୁ ଅଳ୍ପ ଛାନିଆ ହେଲେ ଭଲ। ପାଠ ପଢ଼ାରେ ମନ ଲାଗିବ ଓ ମନେ ରଖିବା ସହଜ ହେବ। ମାତ୍ର ଅତ୍ୟଧିକ ଛାନିଆ କେବଳ ନିଜ ପାଇଁ ହିଁ ଖରାପ।

କାରଣ : ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଛାନିଆ ପଶେ। ଯଥା - ପାଠ କିପରି ପଢ଼ିବି ? କିପରି ମନେ ରଖିବି ? ପ୍ରଶ୍ନ କଅଣ ପଡ଼ିବ ? ପରୀକ୍ଷା ଫଳ କଅଣ ହେବ ? ପରୀକ୍ଷା ଫଳ ଦେଖି ଅନ୍ୟମାନେ କଅଣ ଭାବିବେ ଓ କହିବେ ?

ଲକ୍ଷଣ : ଅଧିକାଂଶ ପିଲା ଅଭିଯୋଗ କରନ୍ତି ଯେ, ସ୍ମରଣ ଶକ୍ତି ବ୍ୟାଘାତ ହେଉଛି। ପରୀକ୍ଷା ପୂର୍ବରୁ ଭଲ କରି ପାଠପଢ଼ି ମନେ ରଖିଥିଲେ ମଧ୍ୟ କିଛି ପାଠ ମନେ ନାହିଁ ଓ ପରୀକ୍ଷାରେ ଫେଲ ହେବେ।

ଛାନିଆ ହେବା କିପରି କମ୍ କରିବ ? ପ୍ରଥମେ ମନେ ରଖିବା ଉଚିତ ଯେ, ପରୀକ୍ଷା ପୂର୍ବଦିନ ଠିକ ଭାବେ ଖାଇବ ଓ ଶୋଇବ। ଅନ୍ୟଦିନ ଠାରୁ ଅଧିକ ବା କମ୍ ନୁହେଁ। ଶିରୋନାମା ଓ ଏହାର ମୁଖ୍ୟ ବିଷୟବସ୍ତୁକୁ ମନେ ପକାଇବ। ପରୀକ୍ଷାରେ ପଡ଼ିଲେ କଅଣ ଲେଖିବ ବୋଲି ଭାବିବ। ମନରୁ ଦୁଶ୍ଚିନ୍ତା ଦୂରକରି ଖୁସି ରହିବାକୁ ଚେଷ୍ଟା କରିବ। ପରୀକ୍ଷା ଦିନ ସକାଳେ ଅତି ତରତର ହୋଇ ଗାଧୋଇବା, ଖାଇବା ଆଦି ନିତ୍ୟକର୍ମ କରିବା ଉଚିତ ନୁହେଁ। ପ୍ରତିଦିନ ଯେପରି କର, ଆଜି ମଧ୍ୟ ସେହିପରି କରିବ। ଅତି ତରତର ହେଲେ ଛାତି ଧଡ଼୍ ଧଡ଼ ହେବ, ଝାଳ ବାହାରିବ। ପ୍ରକୃତରେ ମନ ଛାନିଆ ନ ହେଲେ ମଧ୍ୟ ଛାତି ଧଡ଼ ଧଡ଼ ହେବା ଯୋଗୁଁ ଛାନିଆ ହେବା ଭଳି ଲାଗିବ। ନିଜର ଖାତା, ବହି ଓ ନୋଟ୍‌ସ ଆଦିକୁ ପରୀକ୍ଷା କେନ୍ଦ୍ରକୁ ନେବ। ନିହାତି ଦରକାର ନହେଲେ ଖୋଲିବ ନାହିଁ। ଯେଉଁ ପିଲାମାନେ ଅତ୍ୟଧିକ ଛାନିଆ ହୁଅନ୍ତି ବା କରାନ୍ତି, ସେମାନଙ୍କ ଠାରୁ ଦୂରେଇ ରହିବ। ନିଜକୁ ନିଜେ ବୁଝାଅ ଓ ସାହସ ଦିଅ। ମୁଁ ହୁଏତ ସବୁ ଉତ୍ତର ଜାଣି ନଥାଇପାରେ। ମୋର ହୁଏତ ପରୀକ୍ଷାରେ ସବୁ ମନେ ନପଡ଼ିପାରେ। ମୁଁ ପଢ଼ିଥିବା ପାଠ ଛଡ଼ା, ବାହାରୁ କିଛି ପ୍ରଶ୍ନ ପରୀକ୍ଷାରେ ପଡ଼ିପାରେ। ଏହା ସାଧାରଣ କଥା ଓ ସମ୍ଭବପର। ସବୁଠିକ୍ ହେବ। ପରୀକ୍ଷା ଆରମ୍ଭ ହେବାର ଠିକ୍ ଦଶ ପନ୍ଦର ମିନିଟ୍ ପୂର୍ବରୁ କେତେଜଣ ଅଧିକ ଛାନିଆ ହୋଇଯାଆନ୍ତି। ତେଣୁ ପରୀକ୍ଷା ହଲକୁ ଆଗରୁ ଯାଇ ନିଜର ଚେୟାର ଖୋଜି ମନକୁ ସ୍ଥିର କରି ବସ। ମନକୁ ଶାନ୍ତ ରଖି ପରୀକ୍ଷା ପ୍ରଶ୍ନ ପଢ଼ିବା ଆରମ୍ଭ କର। ଯେଉଁ ପ୍ରଶ୍ନର ଉତ୍ତର ଭଲ ଭାବେ ଆସୁଛି, ତାହାକୁ ପ୍ରଥମେ ଦିଅ। ଲେଖିବା ପୂର୍ବରୁ ଉତ୍ତରର ସଂକ୍ଷିପ୍ତ ବିବରଣୀ ମନରେ ଭାବିନିଅ। ପରୀକ୍ଷା ସମୟରେ ନିଜକୁ ସାହାସ ଦିଅ। ନିଜକୁ ନିଜେ କୁହ 'ମୁଁ ଭଲକରି ଲେଖୁଛି। ଯାହା ପଢ଼ିଛି ସବୁ ମନେ ଅଛି। ମୁଁ ମୋର ସବୁଠାରୁ ଭଲ ଉତ୍ତର ପରୀକ୍ଷାରେ ଦେଉଛି।' ପରୀକ୍ଷା ହଲ୍‌ରେ ପୁରା ସମୟ ବସ। ସମୟ ବଳିଲେ ଆଉ ଥରେ ପଢ଼। ଆମେ ଅଜାଣତରେ ଭୁଲ ଲେଖିଥାଇପାରୁ। ସେଗୁଡ଼ିକ ସଜାଡ଼ି ଠିକ୍ କରିପାରିବ। ଗୋଟିଏ ବିଷୟରେ ପରୀକ୍ଷା ସାରିବା ପରେ, ସେହି ପରୀକ୍ଷା ଉପରେ ଅଧିକ ଆଲୋଚନା କର ନାହିଁ। ମନ ଛାନିଆ ଲାଗିପାରେ। ପରବର୍ତ୍ତୀ ବିଷୟର ପରୀକ୍ଷା ପାଇଁ ଚିନ୍ତା କର।

ମନେରଖ : ପରୀକ୍ଷା ପୂର୍ବରୁ ପାଠ ପଢ଼ିବା ଦରକାର। ତୁମେ ଏକା ନୁହେଁ, ଏହି ପାଠପଢ଼ା ସମସ୍ତଙ୍କ ଉପରେ କିଛି ନା କିଛି ମାନସିକ ଚାପ ପକାଏ। ମାନସିକ ଚାପ କେତେ ହେବ, ତାହା ନିଜ ଉପରେ ନିର୍ଭର କରେ। ପରୀକ୍ଷାରେ ସଫଳତାର ଚାବିକାଠି ହେଉଛି ସଠିକ୍ ଯୋଜନା। ପରୀକ୍ଷା ବିଷୟରେ ବେଶି ଭାବ ନାହିଁ, ବେଶି ଭାବିଲେ କିଛି କରିହେବ ନାହିଁ। ଯାହା ଉପରେ ଆମ ନିୟନ୍ତ୍ରଣ ନାହିଁ, ଆମେ କିଛି କରିପାରିବା ନାହିଁ। ମାତ୍ର ପାଠ ପଢ଼ିଲେ, ପରୀକ୍ଷାରେ ଭଲ କରିପାରିବା।

**ମାନସିକ ରୋଗ ବିଭାଗ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩**

ପ୍ରସଙ୍ଗ

# ପ୍ରଦୂଷଣ ଓ ଯାଞ୍ଚ ସାର୍ଟିଫିକେଟ୍

**ନାରାୟଣ ଚନ୍ଦ୍ର ବିଶ୍ୱାଳ**




ପ୍ରଦୂଷଣ ବଢ଼ୁଛି । ପରିବେଶକୁ କ୍ଷତି ପହଞ୍ଚୁଛି । ଗାଡ଼ିସଂଖ୍ୟା ବଢ଼ିବା କାରଣରୁ ଏଥିରୁ ନିର୍ଗତ ଧୂଆଁ ପରିବେଶ ନଷ୍ଟ କରୁଛି । ତେଣୁ ଯେଉଁ ଗାଡ଼ି ଅଧିକ ପ୍ରଦୂଷଣ ସୃଷ୍ଟି କରୁଛନ୍ତି ସେମାନଙ୍କ ଉପରେ କଟକଣା ଲଗାଇବା ଏବଂ ଯେଉଁ ଗାଡ଼ି ଗୁଡ଼ିକ ପରିବେଶ ଅନୁକୂଳ ସେମାନେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ବା ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ ହାସଲ କଲେ ଯାଇ ଗାଡ଼ିରେ ତେଲ ପକାଇ ପାରିବେ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି ।

ପରିବହନ ବିଭାଗର ସୂଚନା ଅନୁଯାୟୀ, ଓଡ଼ିଶାର ଅଧିକାଂଶ ଦୁଇଚକିଆ ଯାନ କେବଳ କିଣା ହେବା ସମୟରେ ପ୍ରଦୂଷଣ ସେମାନେ ଚେତାବନୀ ଦେଇ କହିଛନ୍ତି ଯଦି ତତ୍କାଳ ପଦକ୍ଷେପ ନିଆ ନଯିବ ତେବେ ଏହି ସମସ୍ୟା ପ୍ରତିବର୍ଷ ବଢ଼ିବ । ସବୁଠାରୁ ବଡ଼ କଥା ହେଲା ଗତ ୧୦ ବର୍ଷ ହେଲା ହୃଦରୋଗ ସହ ମେଦ ବହୁଳତା ଯୋଡ଼ି ହୋଇଯାଇଛି । ଏଥିରେ ଯାନବାହାନ ଓ ବିମାନରୁ ନିର୍ଗତ ବିଷାକ୍ତ ତତ୍ତ୍ୱର ବଡ଼ ଭୂମିକା ରହିଛି । ବାୟୁ ପ୍ରଦୂଷଣ ଉପରେ ଭାରତ ସରକାର ନୂଆ ଫୋକସ ଅବଶ୍ୟ କରିଛନ୍ତି । କିନ୍ତୁ ଏହା ବହୁ ବିଳମ୍ବ ହୋଇଯାଇଛି ।




ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ସୃଷ୍ଟି ହେଉଥିବା ହୃତପିଣ୍ଡ, ଶ୍ୱାସ ପ୍ରଶ୍ୱାସ, ସ୍ନାୟୁ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରମାଣ ରହିଛି । ପ୍ରଦୂଷଣକୁ ରୋକିବା ଲାଗି ପଦକ୍ଷେପ ନେବାରେ ବିଳମ୍ବ ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଆର୍ଥିକ ବୋଝ ବଢ଼ିବ । ମୁଣ୍ଡବିନ୍ଧା, ହାଲିଆ ଲାଗିବା, ହାଲକା କାଶ, ଗଳା ଦରଜ, ପାଚନ ସମସ୍ୟା, ଆଖି ଶୁଷ୍କ ହୋଇଯିବା, ଚର୍ମରେ ଲାଲ ଚିହ୍ନ ଓ କ୍ରମାଗତ ସଂକ୍ରମଣ ଭଳି ସମସ୍ୟାକୁ ଛୋଟମୋଟ କହି ସବୁବେଳେ ଲୋକମାନେ ଅଣଦେଖା କରୁଛନ୍ତି । କିନ୍ତୁ ବାସ୍ତବରେ ଏହା କୌଣସି ଗମ୍ଭୀର ରୋଗର ସଙ୍କେତ ହୋଇଥାଏ । ପ୍ରଦୂଷିତ ସହରରେ ବାୟୁ ଆଖିକୁ ପରିଷ୍କାର ଦେଖାଯାଉଥିଲେ ମଧ୍ୟ ସେଥିରେ ଅନେକ ଛୋଟ ଛୋଟ କଣିକା (ପିଏମ୨.୫ ପ୍ରଦୂଷଣ) ରହିଛି । ଯାହା ହୃଦରୋଗ ପ୍ରତି ବିପଦ ସୃଷ୍ଟି କରିପାରେ । ହୃଦରୋଗ ଏକ ମନ୍ଥର ପ୍ରକ୍ରିୟା, କିନ୍ତୁ ଏଥିରେ ହଠାତ୍ ସ୍ଥିତି ବିଗିଡ଼ି ଯାଏ । ପିଏମ୍୨.୫ ପ୍ରଦୂଷଣ ଆଖିକୁ ଦେଖାଯାଏ ନାହିଁ । ରକ୍ତଚାପ କିମ୍ବା କୋଲେଷ୍ଟ୍ରୋଲ ଭଳି ଏହାକୁ ସହଜରେ ମପାଯାଇ ପାରିବ ନାହିଁ । ଫଳରେ ଲୋକମାନେ ଏହାର ଗମ୍ଭୀର ବିପଦକୁ ଜାଣିପାରନ୍ତି ନାହିଁ ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଆଗତ କରାଯାଇଥିବା ରିପୋର୍ଟ ଅନୁସାରେ ଗତ ୩ ବର୍ଷରେ ଦିଲ୍ଲୀରେ ଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟାରେ ପୀଡ଼ିତ ହୋଇ ୨ ଲକ୍ଷରୁ ଅଧିକ ଲୋକ ହସ୍ପିଟାଲ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ୩୦ ହଜାରରୁ ଅଧିକ ରୋଗୀଙ୍କୁ ହସ୍ପିଟାଲରେ ଚିକିତ୍ସିତ ହେବାକୁ ପଡୁଛି ।

ଲାନସେଟ ଫାଉଣ୍ଡେସନ ଅଫ ହେଲଥ ଆଣ୍ଡ କ୍ଲାଇମେଟ ଚେଞ୍ଜ ୨୦୨୫ ରିପୋର୍ଟ ଅନୁସାରେ ୨୦୨୨ରେ ଭାରତରେ ପିଏମ ୨.୫ ପ୍ରଦୂଷଣ ଯୋଗୁ ୧୭ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ସେଥିରେ ୨.୬୯ ଲକ୍ଷ ମୃତ୍ୟୁ ସଡ଼କ ପରିବହନ ସହ ଜଡ଼ିତ ପେଟ୍ରୋଲ ଓ ଡିଜେଲରୁ ସୃଷ୍ଟି ପ୍ରଦୂଷଣ ଯୋଗୁ ହୋଇଥିଲା । ଗତ ମେ'ରେ ଇଣ୍ଟରନ୍ୟାସନାଲ କାଉନସିଲ ଅନ୍ କ୍ଲିନ ଟ୍ରାନ୍ସପୋର୍ଟେସନ ପକ୍ଷରୁ କରାଯାଇଥିବା ଏକ ବୈଶ୍ୱିକ ଅଧ୍ୟୟନରେ କୁହାଯାଇଥିଲା ଗାଡ଼ିରୁ ବାହାରୁଥିବା ବିଷାକ୍ତ ଗ୍ୟାସକୁ ନିୟନ୍ତ୍ରଣ କରିବା ଲାଗି ନୀତି ଅଣାଗଲେ ୨୦୪୦ ବେଳକୁ ୧୯ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ବଞ୍ଚିପାରିବ । ଏଥିସହ ୧୪ ଲକ୍ଷ ପିଲାଙ୍କୁ ଶ୍ୱାସ ରୋଗରୁ ରକ୍ଷା କରାଯାଇପାରିବ । ପ୍ରଦୂଷଣ ଯାଞ୍ଚ ବାସ୍ତବାଭିମୁଖୀ ହେଉ ଏବଂ ସବୁଠାରୁ ବଡ଼କଥା ହେଉଛି ଭାରତରେ ବାୟୁ ପ୍ରଦୂଷଣ, କୋଭିଡ୍- ୧୯ ମହାମାରୀ ପରେ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ପରି ଉଭା ହୋଇଛି । ଆଗାମୀ ଦିନରେ ଏହି ପ୍ରଦୂଷଣ ଲୋକଙ୍କ ସ୍ୱାସ୍ଥ୍ୟ ଓ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଦୀର୍ଘ କାଳୀନ ପ୍ରଭାବ ପକାଇବ । ଏବେ ଶୀତ ଯଦିଓ କମୁଛି କିନ୍ତୁ ପ୍ରଦୂଷଣର ବିଷ ସେତିକି ବଢ଼ୁଛି । ଓଡ଼ିଶା କଥା ବିଚାର କଲେ ଓଡ଼ିଶାର ସାତଟି ସହରରେ ବାୟୁର ମାନ ବିଗିଡ଼ି ଚାଲିଛି । ଯେଉଁ ହାରରେ ଓଡ଼ିଶାରେ ବାୟୁ ପ୍ରଦୂଷଣ ବଢ଼ୁଛି ତାହା ଅନେକଙ୍କୁ ଚକିତ କରିଛି । ଶୀତ ଦିନେ ଭୂପୃଷ୍ଠରେ ତାପମାତ୍ରା ଉପର ବାୟୁ ଅପେକ୍ଷା କମ ଥାଏ । ଏହାକୁ ଇନଭର୍ସନ କୁହାଯାଏ । ତେଣୁ ଭୂପୃଷ୍ଠର ଧୂଳିକଣା ଉପରକୁ ଯାଇପାରେନି କିମ୍ବା ବିସ୍ତାରିତ ନହୋଇ ଗୋଟିଏ ନିର୍ଦ୍ଦିଷ୍ଟ ବାୟୁମଣ୍ଡଳରେ ଜମାଟ ବାନ୍ଧେ ଏହି କାରଣରୁ ବର୍ତ୍ତମାନ ବାୟୁ ପ୍ରଦୂଷଣ ଅଧିକ ରହୁଛି । ସେହିପରି ଆଉ ଗୋଟିଏ କଥା ହେଉଛି ଏଯାବତ୍ ରାଜ୍ୟରେ ମୋଟ ୧୪୪୦୧୧ଟି ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ମିଳି ସାରିଲାଣି । ଗାଡ଼ିର ପ୍ରଦୂଷଣ ଯାଞ୍ଚ ପାଇଁ ଏକ ମେସିନ ରହିଛି । ଏହି ମେସିନରେ ଗାଡ଼ିରୁ ଅଙ୍ଗାରକାମ୍ଳ କେତେ ନିର୍ଗତ ହେଉଛି ତାହାକୁ ଆଧାର କରି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ । ଦୁଇଚକିଆ ଯାନର ନିର୍ଗତ ଧୂଆଁରୁ କେଉଁ ଉପାଦାନ କେତେ ଥିଲେ ଏହା ପ୍ରଦୂଷଣ ସୃଷ୍ଟି କରୁଛି ବୋଲି ଧରାଯିବ ତାହାର ଏକ ମାନକ ଧାର୍ଯ୍ୟ କରାଯାଇଛି । ଦୁଇଚକିଆ ଯାନରୁ କାର୍ବନ ଡାଇଅକ୍ସାଇଡ଼ ୩.୫% ରହିବା ଦରକାର । ଏହାଠାରୁ ଅଧିକ ନିର୍ଗତ ହେଲେ ତାହା ପ୍ରଦୂଷଣ କରୁଛି ବୋଲି ଧରାଯିବ । ସେହିପରି ହାଇଡ୍ରୋକାର୍ବନ ପରିମାଣ ୪୫୦୦ ପିପିଏମ୍ ରହିବା ଦରକାର । ଏଥିପାଇଁ ଗାଡ଼ିର ସାଇଲେନ୍ସରରେ ଏକ ପାଇପ ଭର୍ତ୍ତି କରାଯାଏ । ଏହି ପାଇପ ଜରିଆରେ ଉପରୋକ୍ତ ଉପାଦାନ ନିର୍ଗତର ପରିମାଣ କେତେ ତାହା ଜଣାପଡ଼ିଥାଏ । ଏହି ଆଧାରରେ ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ଦିଆଯାଏ । ଏବେ କେତେକ କେନ୍ଦ୍ରରେ ଯଦିଓ ଏହି ପାଇପ ଭର୍ତ୍ତି କରାଯାଇ ପ୍ରଦୂଷଣ ଯାଞ୍ଚ କରାଯାଉଛି କିନ୍ତୁ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି । କାରଣ ସବୁ ଗାଡ଼ି ଏହି ପରୀକ୍ଷାରେ ପାସ ହେଉଛନ୍ତି ।

ଯଦି ଏଭଳି ଭାବେ ଗାଡ଼ିକୁ ସାର୍ଟିଫିକେଟ ଦିଆଯିବ ତାହାହେଲେ ଗାଡ଼ି ଯାଞ୍ଚ କେବଳ ଏକ ପ୍ରହସନ ବୋଲି ପରିବେଶ ବିଶେଷଜ୍ଞ ମତ ରଖନ୍ତି, ସେମାନଙ୍କ କହିବା ଅନୁଯାୟୀ, ଯଦି ଏମାନେ ଠିକ ଭାବେ ଯାଞ୍ଚ କରୁଥାନ୍ତେ ତାହାହେଲେ ସବୁ ଗାଡ଼ି ପ୍ରଦୂଷଣ ପରୀକ୍ଷାରେ ପାସ କରିପାରିବେ ନାହିଁ । ଏହି ପ୍ରସଙ୍ଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ବିଏସ-୪ ବା ବିଏସ-୬ ଇଞ୍ଜିନ ବିଶିଷ୍ଟ ଦୁଇଚକିଆ ଗାଡ଼ି ବିକ୍ରି ହେଉଛି । ଏହି ଗାଡ଼ି ଗୁଡ଼ିକ ଦ୍ୱାରା ପ୍ରଦୂଷଣ ଆଦୌ ହେବନାହିଁ କହିଲେ ଚଳେ । କାରଣ ଏହିସବୁ ଗାଡ଼ି ଗୁଡ଼ିକରେ କାଟାଲିଟିକ କନଭର୍ଟର ବ୍ୟବହାର କରାଯାଉଛି । ଏହାଦ୍ୱାରା ଗାଡ଼ିରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବନାହିଁ । ଦ୍ୱିତୀୟରେ ବର୍ତ୍ତମାନ ସମୟରେ ଯେଉଁ ପେଟ୍ରୋଲ ଆସୁଛି ସେସବୁ ସଲଫରର ପରିମାଣ ବହୁତ କମ ରହୁଛି ।



ପେଟ୍ରୋଲରେ ସଲଫର ଅଧିକ ଥିଲେ ଏହା ଅଧିକ ପ୍ରଦୂଷଣ ସୃଷ୍ଟି କରିଥାଏ । କିନ୍ତୁ ପେଟ୍ରୋଲରେ ସଲଫର ପରିମାଣ କମିଯିବାରୁ ପ୍ରଦୂଷଣ ମାତ୍ରା ମଧ୍ୟ କମିଯାଉଛି । ତେଣୁ ଏଭଳି ସ୍ଥିତିରେ ଦୁଇ ଚକିଆ ଯାନକୁ ସମ୍ପୂର୍ଣ୍ଣ ପ୍ରଦୂଷଣ ସାର୍ଟିଫିକେଟ ମୁକ୍ତ କରିବା ଆବଶ୍ୟକ । ଉଦାହରଣ ବଶତଃ ଗତ ପାଞ୍ଚ ଦିନ ପରିବହନ ବିଭାଗ ୱେବସାଇଟରେ କେବଳ କେତେ ଗାଡ଼ିକୁ ସାର୍ଟିଫିକେଟ ଦିଆଯାଉଛି ତାହାର ସୂଚନା ରହିଥିଲାବେଳେ କେତେଜଣଙ୍କର ବାତିଲ ହେଉଛି ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ । ଏହି କଥା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି । ପ୍ରଦୂଷଣ ଯାଞ୍ଚ ହେଉ କିନ୍ତୁ ପ୍ରଦୂଷଣକୁ ନେଇ ଲୋକମାନଙ୍କର ଯେଉଁ ସ୍ୱାସ୍ଥ୍ୟ ସମସ୍ୟା ହେଉଛି ଏହାପାଇଁ କିଏ ଉତ୍ତରଦାୟୀ ରହିବ ?

**ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ପିଲାଙ୍କ ପାଇଁ ହୋଲି

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**









ଫଗୁଣର ମହକକୁ ସଜେଇ ସାଜି ଫଗୁ ଫଗୁଣର ହୋଲି। ତେବେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଅଭିର ଆନନ୍ଦ ଠାରୁ ରଙ୍ଗ ପିଚକାରୀ ଖେଳର ହୋଲି ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସତର୍କତା ରହିଛି। ପ୍ରାୟତଃ ଗ୍ରୀଷ୍ମ ଛୁଟି ସମୟ ହୋଇଥିବାରୁ ପିଲାମାନେ ଏହି ଫଗୁଣର ଆନନ୍ଦରେ ହଜାଇବାକୁ ଚାହାଁନ୍ତି। ତେବେ ପିଲାମାନଙ୍କ ପାଇଁ ସତର୍କତାର ଅଭାବ ରହିଲେ ଏହା ସେମାନଙ୍କ ପାଇଁ ହୁଏତ କଷ୍ଟର କାରଣ ବି ହୋଇପାରେ। ପ୍ରାୟତଃ ଦେଖାଯାଇଥାଏ ପିଲାମାନେ ହୋଲିରେ ବେଶ୍ ଖୁସି ମଜାସ୍ ଭିତରେ ସମୟକୁ କଟାଇବାକୁ ଚାହିଁଥାନ୍ତି। ଏହା ଭିତରେ ସେମାନେ ରଙ୍ଗର ତାତ୍ପର୍ଯ୍ୟତା ଓ ବୈଜ୍ଞାନିକ କାରଣ ଏହା ସହ ତତ୍‌ଜନିତ କୁପ୍ରଭାବ ସମ୍ପର୍କରେ ଚିନ୍ତା କରିବାର ସୁଯୋଗ ସମ୍ଭବତଃ ପାଇନଥାନ୍ତି। ପିଲାମାନେ ସ୍ୱାଭାବିକ ଭାବେ ଖେଳକୁଦ କରି ସମୟକୁ ବେଶ୍ ହସଖୁସି ସହ କଟାଇବାକୁ ଚାହୁଁଥିଲେ ବି ସାମାନ୍ୟ ସତର୍କତାର ଅଭାବ ରହିଲେ ଏହା ପିଲାମାନଙ୍କ ପାଇଁ କଷ୍ଟ ଓ ଯନ୍ତ୍ରଣାର ଅବସର ସୃଷ୍ଟି କରିଥାଏ ।

ବର୍ତ୍ତମାନ ବଜାରରେ ଯେଉଁ ପ୍ରକାର ରଙ୍ଗ ବିକ୍ରୀ ହେଉଛି ତାହା କୋମଳମତି ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ କି ନୁହେଁ ଏହା ହିଁ ସବୁଠାରୁ ବଡ଼ ପ୍ରଶ୍ନ। କାରଣ ରଙ୍ଗ ବେପାରୀମାନେ ବୁଝି ନଥାନ୍ତି ଯେ ଏହା ପିଲାଙ୍କ ପାଇଁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଠିକ୍ ବା ଭୁଲ ? ଅଧିକାଂଶ କ୍ଷେତ୍ରରେ ଦେଖାଯାଇଥାଏ ପିଲମାନେ ସର୍ବପ୍ରଥମେ ଚର୍ମ ସମସ୍ୟା ଠାରୁ ଆଖି ସମସ୍ୟା ଏପରିକି ଭେଷଜ ସମସ୍ୟା ଠାରୁ ଶିଶୁରୋଗ ବିଭାଗର ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହୋଇଥାନ୍ତି । ପ୍ରଥମତଃ ପିଲାମାନେ ଆନନ୍ଦ ସହକାରେ ହୋଲିରେ ନିଜକୁ ହସଖୁସିର ସହିତ ପରିବାର କେହିବି ହୁଅନ୍ତୁ ବା ସାଙ୍ଗସାଥୀ ଖୁସିରେ କଟାଇବାକୁ ଚାହାଁନ୍ତି କିନ୍ତୁ ବର୍ତ୍ତମାନ କେତେକ କ୍ଷେତ୍ରରେ ରଙ୍ଗ ବ୍ୟବସାୟୀମାନେ କୁପ୍ରଭାବ ରହୁଥିବା ରଙ୍ଗ ସମ୍ମିଶ୍ରଣକୁ ମିଶାଉଥିବାରୁ ଏହା ପରବର୍ତ୍ତୀ ସମୟରେ ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥିଲେବି ସେମାନେ କିନ୍ତୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଚିନ୍ତା କରି ନଥାନ୍ତି । କିନ୍ତୁ ବଡ଼ ଖୁସିର କଥା ସରକାର ହୋଲି ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଖବରକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତା କରି ରାଜ୍ୟର ବଡ଼ ମେଡ଼ିକାଲ ହେଉ ବା ଶିଶୁଭବନ, ଜିଲ୍ଲା ହସ୍‌ପିଟାଲ ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସବୁଠାରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ଚିକିତ୍ସା ବା ପରାମର୍ଶକୁ ଗୁରୁତ୍ୱ ଦେଇଥାନ୍ତି। ପିଲାମାନେ ସ୍ୱାଭାବିକ ଭାବରେ ଖେଳ ଓ ଆନନ୍ଦ ପ୍ରିୟ ହୋଇଥିବାରୁ ସେମାନେ ପରବର୍ତ୍ତୀ ତତ୍‌ଜନିତ ପାର୍ଶ୍ୱପ୍ରତିକ୍ରିୟାକୁ ଚିନ୍ତା କରି ନଥାନ୍ତି ଯାହାକି ସବୁଠାରୁ ବଡ଼ ସମସ୍ୟାର କାରଣ ହୋଇଥାଏ। ଅଭିରର ରଙ୍ଗ ଗୁଣ୍ଡ କେତେକ କ୍ଷେତ୍ରରେ ଖରାପ ହୋଇପାରିନଥାଏ ସତ କିନ୍ତୁ ବର୍ତ୍ତମାନ ବଜାରରେ ବିକ୍ରୀ ହେଉଥିବା ରାସାୟନିକ ରଙ୍ଗଯୁକ୍ତ ଅଭିର ହେଉ ବା ହୋଲି ପିଚ୍‌କାରୀର ରଙ୍ଗ ଏହା ନିଶ୍ଚିତ ଭାବେ ପିଲାମାନଙ୍କ ବିଶେଷ କରି ଚର୍ମ କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି କରିଥାଏ । ଦ୍ୱିତୀୟତଃ ପିଲାମାନେ ବେଳେ ବେଳେ ରଙ୍ଗ ବୋଳିକା କ୍ଷେତ୍ରରେ ଚକ୍ଷୁକୁ ଗୁରୁତ୍ୱ ଦେଉ ନଥିବାରୁ ଏହା ସବୁଠାରୁ ମୂଲ୍ୟବାନ ଚକ୍ଷୁକୁ ହିଁ ପ୍ରଭାବିତ କରିବାର ସମ୍ଭାବନାକୁ ସୃଷ୍ଟି କରିପାରେ ଯାହାକି ପରବର୍ତ୍ତୀ ସମୟରେ କୋମଳମତି ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥାଏ ।

ସବୁଠାରୁ ବଡ଼ ଖୁସିର କଥା ବିଶେଷକରି ହୋଲି ସମୟରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଭାବରେ ତତ୍ପରତା ପ୍ରକାଶ ପାଇଥାଏ। ଏହାର ଯଥେଷ୍ଟ ପୂର୍ବରୁ ଗଣମାଧ୍ୟମରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କତା ସମ୍ବନ୍ଧରେ ବିଭିନ୍ନ ସଚେତନଧର୍ମୀ, ବିଜ୍ଞାପନ ଓ ଲେଖା ପ୍ରକାଶ ପାଇଥାଏ । ପିଲାମାନଙ୍କ ପାଇଁ ହୋଲି ଓ ରଙ୍ଗର ମହାପାର୍ବଣ ବେଶ୍ ହସଖୁସିରେ ବିତୁ ଏହା ସମସ୍ତେ ଚାହିଁଥାନ୍ତି କିନ୍ତୁ ସାମାନ୍ୟ ଅସତର୍କତା ରହିଲେ ଏହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ କଷ୍ଟର ସମସ୍ୟାକୁ ନେଇ ଏକ ବିରାଟ ବଡ଼ ପାହାଡ଼ ସୃଷ୍ଟି କରିଥାଏ। ଏହି ସମୟରେ ପ୍ରାୟତଃ ବିଦ୍ୟାଳୟ ଓ ଶିକ୍ଷାୟତନ ଛୁଟି ନେଉଥିବାରୁ ପିଲାମାନେ ଛୁଟି ଅବସର ପାଇ ରଙ୍ଗ ଓ ଫଗୁଣର ମହୋତ୍ସବକୁ ବେଶ୍ ହସଖୁସିର ସହିତ ପାଳନ କରୁଥିଲେ ବି ସେମାନଙ୍କର ସାମାନ୍ୟ ସତର୍କତାର ଅଭାବ ପରବର୍ତ୍ତୀ ସମୟରେ ଅତ୍ୟନ୍ତ କଷ୍ଟକର ମୁହୂର୍ତ୍ତ ସୁଯୋଗକୁ ନେଇ ସୃଷ୍ଟି କରିଥାଏ। ସମ୍ପ୍ରତି ସରକାର ସବୁଠାରୁ କ୍ଷୁଦ୍ରତମ କୁହାଯାଉଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହେଉ ବା ଗୋଷ୍ଠୀସ୍ତରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ହେଉ ବା ସବୁଠାରୁ ଶିଶୁରୋଗ ବିଭାଗ ପାଇଁ ସର୍ବାଧିକ ସ୍ୱାସ୍ଥ୍ୟ ସେବା ଗୁରୁତ୍ୱକୁ ପ୍ରାଥମିକତା ଦିଆଯାଉଥିବା କଟକର ଶିଶୁଭବନ, ହୋଇପାରେ ସବୁଠାରୁ ବଡ଼ ହସ୍‌ପିଟାଲ। ରାଜ୍ୟ ସରକାର ଏହି ନିଷ୍ପାପ କୋମଳମତି ଶିଶୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ ଚିନ୍ତା କରି ସେମାନଙ୍କ ଚିକିତ୍ସା ଓ ପରାମର୍ଶକୁ ଅଧିକ ଗୁରୁତ୍ୱ ଦେଇ ଚିକିତ୍ସା ସେବାକୁ ତ୍ୱରାନ୍ୱିତ କରିଥାନ୍ତି । ଏହାକୁ ଚିନ୍ତା କରି ପ୍ରାୟତଃ ଶିଶୁରୋଗୀମାନେ ସରକାର ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆପଣାଇଲେ ନିଶ୍ଚିନ୍ତ ଭାବେ ପିଲାମାନେ ବେଶ୍ ହସଖୁସିର ସହିତ ହୋଲିକୁ ପାଳିପାରିବେ ଏଥିରେ ଦ୍ୱିରୋକ୍ତି ନାହିଁ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ,**
**ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**

ମହକ

# ଅଗ୍ରଣୀ ସାମାଜିକ ସଙ୍ଗଠନ :
# ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

ବିଭିନ୍ନ ସାମାଜିକ ସଙ୍ଗଠନ ଏବଂ ଏହି ସେବା ଦିଗରେ ନିଃସ୍ୱାର୍ଥପର ସାଧନାରତ ଦେଶ ସେବକମାନଙ୍କର ସାଧନାର ଅମୃତ ଫଳ ହେଉଛି ଆମ ବିକଶିତ ଭରତ ବର୍ଷର ଉନ୍ନତିକୁ ବିଭିନ୍ନ କ୍ଷେତ୍ରରେ ଅଗ୍ରସର କରିଛି। ସମାଜ ପ୍ରତି ଆମ ଦାୟିତ୍ୱ, କର୍ତ୍ତବ୍ୟବୋଧ, ତ୍ୟାଗ, ସୃଜନଶୀଳତା, ନିଃସ୍ୱାର୍ଥପର ସେବା, ତ୍ୟାଗ ଆଦି ଅତି ମାନନୀୟ ଶକ୍ତିର ଆବଶ୍ୟକତାକୁ ସଠିକ୍ ଭାବେ ଧ୍ୟାନ ଦେବା ଜରୁରୀ। ସାମାଜିକ ପ୍ରାଣୀ ଭାବେ ଆଜିର ବିକଶିତ ମାନବର ଯୁଗରେ ଆମକୁ ଅଧିକରୁ ଅଧିକ କ୍ରିୟାଶୀଳ ହୋଇ ଦେଶ ଗଠନ ପାଇଁ କର୍ତ୍ତବ୍ୟ କରିବାକୁ ହେବ, ଆମ ଆଚରଣ ଉଚ୍ଚାରଣ ସିଦ୍ଧ ହେବାକୁ ପଡ଼ିବ। ଭଲ ମଣିଷ ସବୁଠି ପୂଜା ପାଏ ଆଉ ସବୁଠି ସେ ଆଦରଣୀୟ। ଆଜି ଆମ ଗହଣରେ ସେହି ବରେଣ୍ୟ ମହାପୁରୁଷ ବା ଯୁଗ ପୁରୁଷବର୍ଗ ନାହାଁନ୍ତି କିନ୍ତୁ ତାଙ୍କ ସ୍ମୃତି, କଥା, ଗାଥା, କୃତି, ଗୌରବମୟ ସମୁଜ୍ଜ୍ୱଳ ଇତିହାସ ଓ କୀର୍ତ୍ତି ସବୁ ଉଦାହରଣୀୟ ଓ ପ୍ରେରଣାଦାୟୀ। ମନୁଷ୍ୟ ସହିତ ମନୁଷ୍ୟର ପାରସ୍ପରିକ ଅନ୍ତଃ ସଂପର୍କ ଯୋଗୁ ସମାଜ ସୃଷ୍ଟି ହୋଇଛି। ଏକ ଶବ୍ଦରେ କହିବାକୁ ଗଲେ ପରିବାର, ସମ୍ପ୍ରଦାୟ, ସାମାଜିକ ଦାନ, ସାମାଜିକ ଭୂମିକା, ସଂପର୍କ, ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ସମ୍ମାନ ଆଉ ତ୍ୟାଗର ମୂଲ୍ୟବୋଧ ଏସବୁ ସହଚର ବା ସମାଜର ମୁଖ୍ୟାଂଶ ଏହାର ବ୍ୟତିରେକ ସମାଜ ଆଉ ସାମାଜିକ ବ୍ୟବସ୍ଥା ଅଧୁରା। ସାମାଜିକ ସମ୍ପର୍କ ଦୁଇ ଗୋଟି ଦୃଷ୍ଟିକୋଣ ଉପରେ ଆଧାରିତ ଯଥା ପ୍ରକାର୍ଯ୍ୟାତ୍ମକ ଓ ସଂରଚନାତ୍ମକ। ପରିବାରରେ ଯଦି ପିଲାମାନଙ୍କୁ ଜାତୀୟତା, ସେବା, ପରୋପକାର ଆଦି ଉପରେ ଶିକ୍ଷା ମିଳେ ତେବେ ସେହିଠାରୁ ହିଁ ସମାଜସେବାର ଅୟମାରମ୍ଭ। ସଂଗଠିତ ନିଃସ୍ୱାର୍ଥପର ତ୍ୟାଗ ଭାବନା, ସତ୍‌କର୍ମ ସାମାଜିକ ସଂଗଠନ ବା ସୋସିଆଲ ସର୍ଭିସ ଅର୍ଗାନାଇଜେସନର ମୂଳମନ୍ତ୍ର। ସେହିଭଳି ଏହି ମହାନ୍ ଭାବନାରେ ଗଢି ଉଠିଛି କେନ୍ଦ୍ରାପଡା ଜିଲ୍ଲାର ସହରରେ ଶାନ୍ତସାହି ପୋଲର ଅନତି ଦୂର କେଶପୁର ବଜାରର ଅନ୍ତର୍ଭୁକ୍ତ ଏକ ନମ୍ବର ବ୍ଲକ ରାସ୍ତାରେ କିଛି ଉଦୀୟମାନ ସମମନୋଭାବାପର୍ଣ୍ଣ ଯୁବପୀଢ଼ିମାନଙ୍କୁ ନେଇ ଏକ ଅଗ୍ରଣୀ ସାମାଜିକ ମହତ୍ ସଂଗଠନ 'ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ'। ଏହି ସଙ୍ଗଠନର ଜନ୍ମ ୨୦୧୭ ମସିହାରେ। ଏହା ଅନେକ ସେବାକାର୍ଯ୍ୟ କରି ଆମ ମା' ମାଟିର ଅନବଦ୍ୟ ଅନୁପମ ସ୍ୱର ଓ ସ୍ୱାକ୍ଷରକୁ ସଦା ଉଜ୍ଜୀବିତ କରାଇବାର ଦୃଢ଼ ସଂକଳ୍ପ ନେଉଛି। ଟ୍ରଷ୍ଟ ଲକ୍ଷ୍ୟ ଉଦ୍ଦେଶ୍ୟ ଲୋକଙ୍କ ସେବା, ସାହିତ୍ୟ ସେବା, ପୂଜ୍ୟପୂଜା ସହ ଭ୍ରାମ୍ୟମାଣ ପ୍ରତିଭା ସମ୍ମାନ ପର୍ବ, ଶିକ୍ଷାର ବିକାଶ, ଗୋ ସେବା,ଏକତା ଓ ଅଖଣ୍ଡତା ବଜାୟ ରଖିବା, ସମାଜରେ ସକରାତ୍ମକ ଭାବନା, ଶୃଙ୍ଖଳିତ ଭାବନା, ଶୋଭନୀୟତା ଆଦି ମହାଭାରତୀୟ ଚିନ୍ତା ଚେତନା ଉପରେ ଆଧାରିତ ବା ଦଣ୍ଡାୟମାନ। ଆଜି ଅନେକ ମହତ୍ କାର୍ଯ୍ୟ କରି ଚାଲିଛି ଏହି ସଂଗଠନ ଯାହାର କଳନା ନାହିଁ କି ତୁଳନା ନାହିଁ। ବହୁବିଧ ଅନନ୍ୟ ସେବା କରି ଅତି ମହତ୍ ବା ବିଶାଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ଗ୍ରାମ ଉନ୍ନତି ଓ ପରିବେଶ ସୁରକ୍ଷା ପାଇଁ ସଫଳ କାର୍ଯ୍ୟ କରାଯାଉଛି। ରକ୍ତଦାନ ଶିବିର, ଗାଁ ସଫା ଅଭିଯାନ, ପାଠାଗାର ଉନ୍ନତି, ମନ୍ଦିର ଓ ମସଜିଦ ସଫାଇ ଯୋଗୁ ଜନସଚେତନତା ତିଆରି କରିବାରେ ଏହା ଏକ ଅଗ୍ରଣୀ ସଙ୍ଗଠନ। ସ୍ୱଚ୍ଛ, ସବୁଜ, ସଂସ୍କୃତି, ସ୍ୱାଭିମାନ ଓ ସ୍ୱାବଲମ୍ବୀ ଉପରେ ଆଧାରିତ ଅନେକ ଅତି ମାନବୀୟ କାର୍ଯ୍ୟ ଅନୁଷ୍ଠିତ ସାରା ରାଜ୍ୟରେ ଶାଖା ପ୍ରତିଷ୍ଠା ହୋଇ କାର୍ଯ୍ୟରତ, ଏହି ଅଭିଯାନ ଯୁବପିଢ଼ୀ ମଧ୍ୟରେ ଅପାର ଉତ୍ସାହ ସୃଷ୍ଟି କରିଥିଲା। ଅନୁଷ୍ଠାନ ପାଇଁ କାର୍ଯ୍ୟକର୍ତ୍ତା ବର୍ଗ ସ୍ଥାନୀୟ ସଚେତନ ନାଗରିକ ଆଦି ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି ଯାହାକି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ସଂଭ୍ରାନ୍ତ ଆଧାତ୍ମିକ ଭାବଧାରା ସଂପନ୍ନ କେନ୍ଦ୍ରାପଡ଼ା ଇତିହାସରେ। ଏହି ସଂଗଠନର ନେପଥ୍ୟରେ ନିଜର ସାଧନା ଜାରି ରଖି ତଥା ସଂଗଠନର ଉନ୍ନତି ଦିଗରେ ଅହରହ କାର୍ଯ୍ୟରତ ବହୁମୁଖୀ ପ୍ରତିଭା, ବିଶିଷ୍ଟ ସମାଜସେବୀ, ଗବେଷକ, ଉଚ୍ଚ ଶିକ୍ଷିତ, ପରିବେଶବିତ, ଦକ୍ଷ ସଂଗଠକ ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ସଭାପତି ଶ୍ରୀ ଦମନ ମହାନ୍ତି ମହୋଦୟ। ସେ କେନ୍ଦ୍ରାପଡା ଜିଲ୍ଲା କପାଳେଶ୍ୱର ପଂଚାୟତର ଆଲିଜଙ୍ଗା ଗ୍ରାମର ନିବାସୀ ଅଟନ୍ତି। ସେ ଏକାଧାରରେ ଜଣେ ଶାନ୍ତ, ସରଳ, ଧୃଢ଼ମନା, ସଂସ୍କାରୀ, ନୀତିନିଷ୍ଠ ସାଧକ, ଲେଖକ, ଜନସେବକ, ଗବେଷକ ଓ ସ୍ପଷ୍ଟବାଦୀ ଅନନ୍ୟ ବ୍ୟକ୍ତିତ୍ୱ। ବରେଣ୍ୟ ସ୍ରଷ୍ଟା ମାନବବାଦୀ ଶ୍ରୀଯୁକ୍ତ ମହାନ୍ତିଙ୍କ ସାରସ୍ୱତ ସାଧନାର ଅମୃତ ଫଳ ଆମ ଅମୀୟ ବାରିଧାରା ହେଉଛି ସେହି ବରେଣ୍ୟ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ମୋହିନୀ ମା, ସରୋଜକାନ୍ତ ସାହୁ, ସଂଜୀବ ତରାଇ, ରାଜେଶ ବାରିକ, ପ୍ରମୋଦ ନାୟକ, ନିମାଇଁ ଚରଣ କର, ତପନ ନାଥ, ଦିଲୀପ ନାଥ, କେଦାର ସ୍ୱାଇଁ, ରଶ୍ମି ରଞ୍ଜନ ବାରିକ, ରାକେଶ ପଣ୍ଡା, ବିଭୁ ପ୍ରସାଦ ସାହୁ, ମନୋଜ ରାଉତ, ବିଷ୍ଣୁ ଚରଣ ମହାପାତ୍ର, ଶାନ୍ତନୁ ମଲ୍ଲିକ, ସାଗର ଜେନା, କାଳନ୍ଦୀ ମଲ୍ଲିକ, ସତ୍ୟବ୍ରତ ପ୍ରଧାନ, ସଂଗ୍ରାମ ଦାଶ ପ୍ରମୁଖ କର୍ମଯୋଗୀ ସର୍ବତ୍ୟାଗୀ ଦମନଙ୍କ ଚଲାପଥର ସାଥୀ ହୋଇ ପ୍ରେରଣା ଯୋଗାଇ ଚାଲିଛନ୍ତି। ସେହି ଅଧକ୍ଷ ଜଣକ ଯେକି ଗ୍ରାମାଞ୍ଚଳ କୁନିକୁନି ପିଲାଙ୍କ ପାଦରେ ଘୁଙ୍ଗୁର ବାନ୍ଧି ନଚେଇବା ଶିଖାଇଛନ୍ତି, ସେହି କୁନିକୁନି କୋମଳମତୀ ଶିଶୁ ପ୍ରତିଭା ଯେକି ଆଜିର ଶିଶୁ କାଲିର ନାଗରିକ ସେହିମାନଙ୍କ ମନରେ ପ୍ରେରଣା ଯୋଗାଇବା ସହ ସେମାନଙ୍କୁ ନିଜର ପ୍ରତିଭା



ପରିଚୟ ଦେବାର ସୁଯୋଗ ଦେଇଛନ୍ତି, ନିଜ ଅଂଚଳର ବହୁ ସଙ୍ଗଠନର ବିକାଶ ଦିଗରେ ଅନେକ ସାଧନା କରିଛନ୍ତି, କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ସୁରକ୍ଷା ପାଇଁ ଅବିରତ ସଂଗ୍ରାମ କରିଛନ୍ତି, ପରିବେଶ ସୁରକ୍ଷା ସହ ସବୁଜ ସୁସ୍ଥ ସ୍ୱଚ୍ଛତା, ଯୁବପିଢ଼ିକୁ ସଚେତନ କରାଇବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ ପ୍ରଚେଷ୍ଟା ଆଦି ଅନେକ ଜନହିତକର କାର୍ଯ୍ୟରେ ଦୁଇ ଦଶନ୍ଧି ଧରି କାର୍ଯ୍ୟରତ ଏବଂ ସଫଳ ମଧ୍ୟ। ଆଜିର ଯୁବପିଢ଼ି ପାଇଁ ଦମନ ଜୀ ବାସ୍ତବରେ ଏକ ପ୍ରେରଣା ଓ ଆଶାର ଆଲୋକ ତଥା ନବ ଚେତନାର ପ୍ରତୀକ। ସେ ଜଣେ ଉଚ୍ଚ ଶିକ୍ଷିତ ସାରସ୍ୱତ ସାଧକ ରାଷ୍ଟ୍ରଭକ୍ତ, ଜନନେତା, ଜାତୀୟତାବାଦୀ, ସମାଜ ସଂସ୍କାରକ, ଜଣେ ମହାନ୍ ଓଡିଆ, ଜଣେ ସନ୍ଥ, ଓଡ଼ିଶାର ମେଧା ପତାକାକୁ ବିଶ୍ୱାକାଶରେ ଉଡ୍ଡୀୟାନ କରିଥିବା ବହୁମୁଖି ପ୍ରତିଭାଦୀପ୍ତ ବଳିଷ୍ଠ ବ୍ୟକ୍ତିତ୍ୱ ତଥା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପ୍ରାଣ । ଏହି ଟ୍ରଷ୍ଟର ପରିଚୟ ନାହିଁ ଏହାର କର୍ମ ହିଁ ତାଙ୍କ ପରିଚୟ। ଏହା ଏକ ଅନୁଷ୍ଠାନ, ଏକ ଆନ୍ଦୋଳନ, ଏକ ଜନଚେତନା, ସଦା ବସନ୍ତ ପରି ଋତୁରାଜ, ଆଧାତ୍ମିକ ଭାବଧାରା ବିଜଡ଼ିତ ସଙ୍ଗଠନ, ଜନାଦୃତ ତଥା ଆଦର୍ଶ ସଙ୍ଗଠନ ଯାହାର ବିକଳ୍ପ ନାହିଁ। ମହାପୁରୁଷଙ୍କ ଜୀବନୀ ପାଠ ତାଙ୍କ ଉପାସନା ଓ ଧାର୍ମିକ ସମ୍ମିଳନ, ଧାର୍ମିକ ସହଯୋଗ ଓ ଐକ୍ୟର ଅପୂର୍ବ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ସଂଗଠନ ଆମ ସମୟର ଶଙ୍ଖନାଦ, ତୂର୍ଯ୍ୟନାଦ, ସିଂହନାଦ ଆଉ ଯୁଗସୂର୍ଯ୍ୟ। ଲୋକଙ୍କ ସେବାରେ ଟ୍ରଷ୍ଟ ଉତ୍ସର୍ଗୀକୃତ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ସହ ଲୋକଙ୍କ ଉନ୍ନତିରେ ସଂଗଠନର କାର୍ଯ୍ୟଧାରା ସର୍ବଦା ପ୍ରେରଣାର ଉତ୍ସ। ଏହି ସଙ୍ଗଠନର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ରକ୍ତଦାନ ମହାସେବା, ସ୍ୱାସ୍ଥ୍ୟ ସେବା ଶିବିର ଓ ଜନସଚତନତାର ମହନୀୟ ବାର୍ତ୍ତା ଏକ ବଳିଷ୍ଠ ଯୁଗାନ୍ତକାରୀ ପଦକ୍ଷେପ ଯାହାର ବିକଳ୍ପ ନାହିଁ। ଏହି ସଂଗଠନ ପକ୍ଷରୁ ମିଳିଥିବା ସାହାଯ୍ୟ, ସହଯୋଗ, ପ୍ରେରଣା, ଉପଦେଶ, ଉପକାର, ଆନ୍ତରିକତା, ସ୍ନେହ, ଶ୍ରଦ୍ଧା, ମଣିଷପଣିଆ, ସମ୍ମାନ, ଆଦର ଜୀବନବ୍ୟାପୀ ଅଭୁଲା ରହିବ ସମଗ୍ର କେନ୍ଦ୍ରାପଡା ମାଟି ପାଇଁ। ଚଳିତ ବର୍ଷ ମାର୍ଚ୍ଚ ୧ ତାରିଖ ରବିବାର ଦିନ ଟ୍ରଷ୍ଟ ପକ୍ଷରୁ ଯୌଥ ପରିବାର ଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏକତା - ୨୦୨୬' ଯାହାକି ଆମ କର୍ମ ଆମ ପରିଚୟ ମହାନ୍ ନୀତି ଆଦର୍ଶକୁ ପାଥେୟ କରି କେନ୍ଦ୍ରାପଡା ଗୋପ ଛକ ସନ୍ନିକଟ ଗୁପ୍ତକ୍ଷେତ୍ର ସଖିବଟ ପବିତ୍ର ସ୍ଥାନରେ ପାଳିତ ହେବାର ପ୍ରସ୍ତୁତି ସହ ବହୁ ଜନହିତକର ଓ ଖୁବ୍ ପ୍ରଶଂସନୀୟ କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବରେ ଅସିତ୍ ବାବା, ବିନୋଦ ବିହାରୀ, ମୋହିନୀ ମା', ସ୍ୱରୂପ ଚୈତନ୍ୟ, ରମେଶ ଚନ୍ଦ୍ର ମହାନ୍ତି, ସରୋଜ କାନ୍ତ ସାହୁ, ଦେବୀ ଶଙ୍କର ବ୍ରହ୍ମା, ପ୍ରତିଭା ଶତପଥୀ, ମନୋରଞ୍ଜନ ମହାନ୍ତି, ଅଜୟ କୁମାର ସାହୁ ପ୍ରମୁଖ ସମ୍ମାନୀତ ବରେଣ୍ୟ ଅତିଥି ଭାବେ ଯୋଗଦାନ କରିବା ନେଇ ସଭା ଆୟୋଜିତ ହେବ। ଏହି ବିଶାଳ ଅନୁଷ୍ଠାନ ଆମ ଶ୍ରୀ ଜଗନ୍ନାଥ ଚାରିଟେବୁଲର ଦୀର୍ଘ ଜୀବନ କାମନା କରୁଛୁ।




## ଏହି ସପ୍ତାହ, ସେହି ବର୍ଷ (ମାର୍ଚ୍ଚ ୧-୭)

### ଏଇ ସପ୍ତାହ


ମାର୍ଚ୍ଚ ୧, ୧୯୨୮- ବୈଜ୍ଞାନିକ ସିଭି ରମଣ ଆଲୋକ ବିବର୍ତ୍ତନର ରିସର୍ଚ୍ଚକୁ ଦୁନିଆ ସମ୍ମୁଖରେ ପେଶ୍ କରିଥିଲେ।




ମାର୍ଚ୍ଚ ୨, ୧୮୬୬- ଛୁଞ୍ଚ ତିଆରି କମ୍ପାନୀ ଏକ୍ସେଲସିୟର୍ ସିଲେଇ ମେସିନ୍‌ର ଛୁଞ୍ଚ ତିଆରି କରିବା ଆରମ୍ଭ କରିଥିଲା।



ମାର୍ଚ୍ଚ ୩, ୧୮୪୫- ଫ୍ଲୋରିଡା, ଆମେରିକାର ୨୮ତମ ରାଜ୍ୟ ହେବାର ମାନ୍ୟତା ପାଇଥିଲା।



ମାର୍ଚ୍ଚ ୪, ୧୭୮୮-ପଶ୍ଚିମ ବଙ୍ଗରେ 'କାଲ୍‌କାଟା ଗେଜେଟ୍'ର ପ୍ରଥମ ପ୍ରକାଶନ ହୋଇଥିଲା।





ମାର୍ଚ୍ଚ ୫, ୧୯୪୯-ଦେଶରେ ଝାଡ଼ଖଣ୍ଡ ପାର୍ଟିର ସ୍ଥାପନା ହୋଇଥିଲା।




ମାର୍ଚ୍ଚ ୬, ୧୯୮୩- ୟୁନାଇଟେଡ୍ ଷ୍ଟେଟ୍‌ରେ ପ୍ରଥମ ଫୁଟ୍‌ବଲ୍ ଲିଗ୍‌ର ସ୍ଥାପନା ହୋଇଥିଲା।



ମାର୍ଚ୍ଚ ୭, ୨୦୦୮-ଅନ୍ତରୀକ୍ଷ ଯାତ୍ରୀମାନେ ମଙ୍ଗଳ ଗ୍ରହରେ ହ୍ରଦର ଅନ୍ୱେଷଣ କରିଥିଲେ।



# କୃତ୍ରିମ ବୁଦ୍ଧିମତ୍ତା ଓ ସମ୍ଭାବନା




ମନଜିତ୍ ଦାସ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହା ହେଉଛି ଏଭଳି ଏକ ଟେକ୍ନୋଲୋଜି ଯାହା ମେସିନ ଓ କମ୍ପ୍ୟୁଟର ସହଯୋଗରେ ମଣିଷ ଭଳି ଭାବିବା, ବୁଝିବା, ନିର୍ମାଣ କରିବାର କ୍ଷମତା ରହିଛି । ଏହାକୁ ସଂକ୍ଷେପ ଓ ସରଳରେ ଏଆଇ କୁହାଯାଉଛି । ଏଆଇ ମେସିନକୁ ସ୍ମାର୍ଟ ଭାବେ ନିର୍ମାଣ କରିବା ଅର୍ଥ ମଣିଷ ଭଳି କାମ କରିବାରେ ସକ୍ଷମ ହେବା । ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ସମାଜର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନର ମାଧ୍ୟମ ହୋଇଛି । କଳା, ସାହିତ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପରିବହନ ଆଦି ବିଭିନ୍ନ କ୍ଷେତ୍ରର ଏଆଇର ପ୍ରୟୋଗ କରାଯାଉଛି । ଚିତ୍ର ଆଙ୍କିବା ଠାରୁ ଆରମ୍ଭ କରି ଅନୁବାଦ, ଗଳ୍ପ, କବିତା, ଲିଖନ, ଆଲୋଚନା, ଗବେଷଣା ଆଦି ବିଭିନ୍ନ କାର୍ଯ୍ୟରେ ଏଆଇର ପ୍ରଭାବ ଦେଖିବାକୁ ମିଳୁଛି । ସାହିତ୍ୟ କ୍ଷେତ୍ରରେ ଏଆଇର ଭୂମିକା ଆଗାମୀ ଦିନରେ ସୃଜନଶୀଳ ମଣିଷ ପାଇଁ ଆହ୍ୱାନ ସୃଷ୍ଟି କରିବ ନିଶ୍ଚୟ । ଏକ ଗବେଷଣାରୁ ଜଣାପଡ଼ିଛି ଯେ, ୮୬୭ଟି ବିଭିନ୍ନ ପେସା ସହିତ ଜଡ଼ିତ ୧୯୦୦୦ ପ୍ରକାରର କାର୍ଯ୍ୟ ଏଆଇ ଦ୍ୱାରା ପ୍ରଭାବିତ ହେବ । ଆର୍ଥିକ ସେବା, ପୁଞ୍ଜି ବଜାର, ବୀମା, ପେନସନ, ପରିଚାଳନା, ଶିଳ୍ପ ଆଦି କ୍ଷେତ୍ରରେ ଏଆଇର ବ୍ୟବହାର ସବୁଠାରୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ତେବେ ଏହାର ବହୁଳ ବ୍ୟବହାର ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ଚାକିରି ମଧ ଚାଲିଯିବ ଶିକ୍ଷା ଓ କ୍ୟାରିୟର ପରାମର୍ଶଦାତାଙ୍କ ୮୪ ପ୍ରତିଶତ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ ବୋଲି ବିଶ୍ୱ ଆର୍ଥିକ ମଞ୍ଚ ବା ଡବ୍ଲୁଇଏଫ୍ ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି । ଏଆଇ ପ୍ରଭାବରେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ୨୩ ପ୍ରତିଶତ ଚାକିରିର ଢ଼ାଞ୍ଚା ବଦଳି ଯିବ । କୃତ୍ରିମ ବୁଦ୍ଧିମତ୍ତା ମଣିଷ ପାଇଁ ଯେତେ ସୁବିଧାଜନକ, ସେତିକି ବିପଦପୂର୍ଣ୍ଣ ହୋଇପାରେ ବୋଲି ଅନେକ ବିଶେଷଜ୍ଞ ମତ ଦେଉଛନ୍ତି ।

କୃତ୍ରିମ ବୁଦ୍ଧମତା ବା ଆର୍ଟିଫିସିଆଲ ଇଣ୍ଟେସଲେଜିନ୍ସ ଅର୍ଥ ହେଉଛି ମେସିନ ଗୁଡ଼ିକ ଦ୍ୱାରା ମାନବୀୟ ବୁଦ୍ଧିର ଅନୁକରଣ । ଏହା ଏପରି ପ୍ରଣାଳୀ ତିଆରି କରେ, ଯାହା ମଣିଷ ପରି ଭାବିପାରେ, ଶିଖିପାରେ, ତଥ୍ୟ ବିଶ୍ଳେଷଣ କରିପାରେ ଓ ନିଷ୍ପତ୍ତି ନେଇପାରେ । ଏଆଇ ବହୁଳ ତଥା ବିବିଧ ତଥ୍ୟ ଓ ଉଚ୍ଚ କମ୍ପ୍ୟୁଟିଂ ଶକ୍ତି ଉପରେ ଭିତ୍ତିକରି କାମ କରେ । ଏଥିପାଇଁ ମନୁଷ୍ୟର ଦୀର୍ଘଦିନର କାର୍ଯ୍ୟପ୍ରଣାଳୀ ଓ ଏହାର ପରିଣାମ ସମ୍ବନ୍ଧୀୟ ତଥ୍ୟକୁ ନେଇ ଅତି ଦକ୍ଷତା ସମ୍ପୂର୍ଣ୍ଣ କମ୍ପ୍ୟୁଟରକୁ ପ୍ରଶିକ୍ଷଣ କରିବାକୁ ପଡ଼େ । କୃତ୍ରିମ ବୁଦ୍ଧିମତା ହେଉଛି ଏକ ପ୍ରଯୁକ୍ତି, ଯାହା ମେଶିନ ଗୁଡ଼ିକକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଶକ୍ତି ଦେଇଥାଏ । ଏହା ମାନବ ପରି ତଥ୍ୟ ବିଶ୍ଳେଷଣ କରି, ଅନୁଭବରୁ ଶିଖି, ନିଷ୍ପତ୍ତି ନେଇପାରେ ।

ସମାବେଶୀ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦର୍ଶାଇ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି ଏଆଇ ପ୍ରଭାବୀ ସମ୍ମିଳନୀ । ବିଶ୍ୱସ୍ତରରେ ଏଆଇ ବା କୃତ୍ରିମ ବୁଦ୍ଧିମତାର ବ୍ୟବହାର ବଢୁଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତ ଏଆଇ ଷ୍ଟାକର ସମସ୍ତ ପାଞ୍ଚଟି ସ୍ତର ମଧ୍ୟରେ ୨୦୦ ବିଲିଅନ ଆମେରିକୀୟ ଡଲାରରୁ ଅଧିକ ନିବେଶ ଯୋଜନା ରଖିଛି । ସରକାରଙ୍କ ବିଶାଳ ପ୍ରସ୍ତୁତି ରହିଛି, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା ଏବଂ ଭାରତକୁ ବିଶ୍ୱରେ ଜ୍ଞାନର ମହାଶକ୍ତି ଭାବେ ପ୍ରତିଷ୍ଠା କରିବାରୁ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ । ଭାରତୀୟ ଯୁବପିଢ଼ିଙ୍କ ନିଆରା ପ୍ରୟାସ ହିଁ ବିଶ୍ୱ ଏଆଇ ମାନଚିତ୍ରରେ ଭାରତକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଭାବେ ଉଭା କରିବ ।'

ଭାରତରେ ଏଆଇର ବ୍ୟବହାର ଦ୍ରୁତ ଗତିରେ ବଢୁଛି । ଦେଶରେ ସାପ୍ତାହିକ ଦଶକୋଟି ସକ୍ରିୟ ଉପଯୋଗକାରୀ ରହିଥିବା ଜଣାଯାଇଛି । ତେବେ ଭାରତର ବୈଜ୍ଞାନିକ ଗବେଷଣା ଓ ସହଯୋଗ ପାଇଁ ଓପନ ଏଆଇର ନିଶୁଳ୍କ ଉପକରଣ ପ୍ରିଜମର ଉପଯୋଗ କ୍ଷେତ୍ରରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି । ତେବେ ଏଆଇ ସଂସ୍କୃତି ସହିତ ଜଡ଼ିତ ହେବାପରେ ଯୁବ ଓ ବିଦ୍ୟାର୍ଥୀବର୍ଗ କୌଶଳୀ ପଦ୍ଧତି ଗ୍ରହଣ କରି ନିଜ ଜ୍ଞାନର ବିକାଶ କରିବେ । ଏଆଇ ସାଥୀ ହୋଇପାରେ କିନ୍ତୁ ବିକଳ୍ପ ନୁହେଁ । ତେଣୁ




ଚୁଡ଼ାନ୍ତ ନିଷ୍ପତ୍ତି ନେବା ସହ ଏଆଇର ବ୍ୟାପକ ବ୍ୟବହାର ଅନେକ କଳ୍ପନାଜଳ୍ପନା ମଧ୍ୟ ସୃଷ୍ଟି କରିଛି । ଏଆଇ ଜୀବନ ଶୈଳୀ ସହ ଶିଳ୍ପ ଜଗତରେ ମଧ୍ୟ ବିପ୍ଳବ ଆଣିଛି ।

ଆଧୁନିକ ମଣିଷ ନିଜର ସୁଖ, ସୁବିଧା, ସୌହାର୍ଦ୍ଦ୍ୟ ତଥା ଜୀବନକୁ ସରଳ କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରୁଛି । ମଣିଷ ଦିନକୁ ଦିନ ପ୍ରକୃତି ଠାରୁ ଦୂରେଇ କଂକ୍ରିଟ ଜଙ୍ଗଲରେ ରହିବାକୁ ଶ୍ରେୟ ମଣୁଛି । କିନ୍ତୁ ଦିନକୁ ଦିନ ସମାଜରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତାର ଚାହିଦା ବଢ଼ିବା ଦ୍ୱାରା ଲୋକେ ସ୍ୱାର୍ଥକୈନ୍ଦ୍ରିକ ହେଉଛନ୍ତି । ନିଜର ବୁଦ୍ଧି ଖଟାଇବା ବଦଳରେ ଆମେ ମେଶିନ ଉପରେ ଅଧିକ ନିର୍ଭରଶୀଳ ହୋଇଯାଉଛୁ । ତେଣୁ କୃତ୍ରିମ ବୁଦ୍ଧିମତ୍ତା ଯାହାକି ଏକ ମେଶିନ ଦକ୍ଷତା ମଣିଷର ବୁଦ୍ଧିମତ୍ତାକୁ ବ୍ୟବହାର କରି ମେସିନ ଶିକ୍ଷା, ସମସ୍ୟା ସମାଧାନ, ନିଷ୍ପତ୍ତି ତଥ୍ୟ ବିଶ୍ଳେଷଣ, କାର ଚଳାଇବା, ଚେସ ଖେଳିବା ଭଳି କାର୍ଯ୍ୟ କରିବାକୁ ସକ୍ଷମ ହେଉଛି । ଏହାକୁ ଆମେ କହୁଛୁ କୃତ୍ରିମବୁଦ୍ଧିମତ୍ତା । ଏଆଇ ମାଧ୍ୟମରେ ଭଏସ ଆସିଷ୍ଟାଣ୍ଟ, ସୁପାରିଶ ଭଳି କାର୍ଯ୍ୟ କରାଯାଇ ପାରୁଛି । ବର୍ତ୍ତମାନ ସମୟରେ ମଣିଷର ଦୈନନ୍ଦିନ ଜୀବନରେ ଏହାର ଭୂମିକା ବଢ଼ିବାରେ ଲାଗିଛି ।

ଆଇଆଇଟି ଭୁବନେଶ୍ୱର ଓ ଏନଆଇଟି ରାଉରକେଲା ସଂସ୍ଥାମାନେ ଏଆଇ ଗବେଷଣା କ୍ଷେତ୍ରରେ ଆଗରେ ଅଛନ୍ତି । ଏହାର ପ୍ରଭାବରେ ଶିକ୍ଷା, କୃଷି, ବିପର୍ଯ୍ୟୟ ପରିଚାଳନା, ଖଣି ଓ ବୈଦ୍ୟୁତିକ ଶିଳ୍ପରେ ନୂତନ ନିଯୁକ୍ତି ସୃଷ୍ଟି ହେବ । ଏହା ମାଧ୍ୟମରେ ଆମେ ବିଶ୍ୱର ବଡ଼ ବଡ଼ ଟେକ୍ ଯାଏଣ୍ଟ ମାନଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିପାରିବା ଓ ସ୍ଥାନୀୟ ପ୍ରତିଭାଙ୍କୁ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିପାରିବା । ଓଡ଼ିଶାରେ ଖଣି ଇସ୍ପାତ ଏବଂ ମାନୁଫାକ୍ଚରିଂ କ୍ଷେତ୍ରରେ ଏଆଇର ପ୍ରୟୋଗ ଅତ୍ୟନ୍ତ ପ୍ରାସଙ୍ଗିକ । ଏଆଇ ଦ୍ୱାରା ସ୍ମାର୍ଟ ମାଇନିଂ ଏବଂ ପ୍ରେଡିକ୍ଟିଭ ମେଣ୍ଟନାନ୍ସ ସମ୍ଭବ ହେବ, ଯାହା ଉତ୍ପାଦନ ବୃଦ୍ଧି କରିବା ସହ ଦୁର୍ଘଟଣା ହ୍ରାସ କରିବ । ପାରମ୍ପରିକ ଶାରୀରିକ ପରିଶ୍ରମ ବଦଳରେ ଏବେ ଡାଟା ଚାଳିତ ନିଷ୍ପତ୍ତି ଗ୍ରହଣ କରାଯାଇ ପାରିବ, ଯାହା କାର୍ଯ୍ୟଦକ୍ଷତାକୁ ନୂତନ ସ୍ତରକୁ ନେଇଯିବ । ଏଆଇ କେବଳ ସଫ୍ଟୱେର ନୁହେଁ, ଏହା ଅତ୍ୟାଧୁନିକ ଚିପ ଏବଂ ହାର୍ଡ଼ୱେର ଉପରେ ନିର୍ଭରଶୀଳ ।

ଓଡ଼ିଶାରେ ଆମକୁ ଭିଏଲ୍ଏସ୍ଆଇ ଡିଜାଇନ ଏବଂ ଫାବ୍‌ଲେସ ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ଉପରେ ଜୋର ଦେବାକୁ ହେବ । ଏଆଇ ମଣିଷର ବିକଳ୍ପ ନୁହେଁ, ବରଂ ସହଯୋଗୀ । କିଛି ପାରମ୍ପରିକ କାମ ହୁଏତ ସ୍ୱୟଂ ଚାଳିତ ହୋଇଯିବ, କିନ୍ତୁ ଏଆଇ ଡେଭଲପର, ଡାଟା ଆନାଲିଷ୍ଟ ଏବଂ ଏଆଇ ଏଥିକ୍ସ ବିଶେଷଜ୍ଞ ଭଳି ହଜାର ହଜାର ନୂଆ କର୍ମସଂସ୍ଥାନ ସୃଷ୍ଟି ହେବ । ଆମକୁ କେବଳ ନିଜର ଦକ୍ଷତା ବୃଦ୍ଧି ବା ଅପ୍ ସ୍କିଲିଂ କରିବାକୁ ପଡ଼ିବ । ମେସିନ ପାଖରେ ବୁଦ୍ଧି ଥାଇପାରେ, କିନ୍ତୁ ବିବେକ ଓ ସୃଜନଶୀଳତା କେବଳ ମଣିଷ ପାଖରେ ଅଛି । ମୂଳ ଜ୍ଞାନ ମଜଭୁତ ଓ ନୂତନ ଶିଖିବା ମନୋଭାବ ଥିଲେ କୌଣସି ପ୍ରଯୁକ୍ତି କାହାର ଚାକିରୀ ନେଇପାରିବ ନାହିଁ, କାମର ପ୍ରକୃତି ମାତ୍ର ପରିବର୍ତ୍ତନ ହୁଏ । ପ୍ରଥମେ ଆମ ପାଠ୍ୟକ୍ରମରେ ପରିବର୍ତ୍ତନ ଆବଶ୍ୟକ । ସ୍କୁଲ ଓ କଲେ ସ୍ତରରୁ ଏଆଇ ଏବଂ କୋଡିଂ ଶିକ୍ଷା ଦିଆଯିବା ଉଚିତ । ଶିକ୍ଷାନୁଷ୍ଠାନ ଓ ଶିଳ୍ପ ଜଗତ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ରମାନେ କେବଳ ଥିଓରି ନୁହେଁ, ବରଂ ପ୍ରାକ୍ଟିକାଲ ଜ୍ଞାନ ପାଇପାରିବେ । ସରକାରଙ୍କ ଏଆଇ ପଲିସି ଅଧିକ ନିବେଶକ ଅନକୂଳ ହେବା ସହ ଏକ ସମର୍ପିତ ଏଆଇ ଗବେଷଣା କେନ୍ଦ୍ର ଓଡ଼ିଶାରେ ପ୍ରତିଷ୍ଠା ହେବା ନିତାନ୍ତ ଜରୁରୀ । ଯଦି ଦୀର୍ଘମିଆଦୀ ଯୋଜନା, ଦକ୍ଷ ମାନବ ସମ୍ପଦ ଓ ଶିଳ୍ପ ସହଯୋଗ ରହେ, ତେବେ ଓଡ଼ିଶା ଭାରତର ଏକ ପ୍ରମୁଖ କୃତ୍ରିମ ବୁଦ୍ଧିମତା ଓ ସେମିକଣ୍ଡକ୍ଟର କେନ୍ଦ୍ର ହୋଇପାରିବ । କହିବାକୁଗଲେ ସାମ୍ପ୍ରତିକ ସମୟରେ ଏଆଇକୁ ମଣିଷ ଯେଉଁ ଦିଗରେ ନେବ, ଭବିଷ୍ୟତ ସେହିପରି ଗଢ଼ା ହୋଇପାରିବ ନିଶ୍ଚୟ । ସୁତରାଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରସାର ଆମ ସମାଜ, ଅର୍ଥନୀତି, ପ୍ରବନ୍ଧନ ଓ ଦୈନନ୍ଦିନ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ । ମାତ୍ର ଏହାର ଅପବ୍ୟବହାର ଓ ନିୟନ୍ତ୍ରଣହୀନତା ଦ୍ୱାରା ବିପୁଳ ସଙ୍କଟର ଆଶଙ୍କା ରହିଛି । ସୁତରାଂ ଏହାର ଉପଯୁକ୍ତ ପରିଚାଳନା ଓ ନିୟନ୍ତ୍ରଣ ଦ୍ୱାରା ଆମେ ଏହାକୁ ନିଜର ଜଣେ ଶ୍ରେଷ୍ଠ ବନ୍ଧୁ ରୂପରେ ବ୍ୟବହାର କରି ମାନବ ସଭ୍ୟତାର କଲ୍ୟାଣ ସାଧନ କରିପାରିବା ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାଣା**

# ପ୍ରେମ ଓ ଫଲ୍‌ଗୁ ଯାତ୍ରା : ଦୋଳଯାତ୍ରା



**ଡ଼ଃ.ଅରୁନ୍ଧତୀ ଦେବୀ**

ଆଜକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି । ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଆଧାତ୍ମିକ ଶ୍ରଦ୍ଧାଳୁ ଓ କୃଷ୍ଣ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି । ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ । କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା । କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ । ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜିଯାଉଥିଲେ ତ ପୁଣି କେତେବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ । ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ । ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା ।

ଏହି ଯାତ୍ରାଟି ପାଞ୍ଚଦିନ ପାଇଁ ପାଳିତ ହୋଇ ପଞ୍ଚଦୋଳ ନାମରେ ନାମିତ ହୋଇ ଏହାର ପରିସମାପ୍ତି ହୋଇଥାଏ । ରାଜ୍ୟର କିଛି ସ୍ଥାନରେ ନବଦୋଳ ଭାବରେ ନଅଦିନ ବ୍ୟାପୀ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏପରିକି ସାତଦିନ ଓ ଦଶଦିନ ଧରି ଦୋଳଯାତ୍ରା କିଛି ସ୍ଥାନରେ ଆୟୋଜିତ ହୋଇଥାଏ । ଫାଲ୍‌ଗୁନ ଶୁକ୍ଳ ତିଥି ଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ ଏହି ପର୍ବର ମୁଖ୍ୟ ଆରାଧ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅଭିର ଅର୍ପଣ କରାଯାଇଥାଏ । ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବ ମୁଖରିତ ହୋଇଉଠିଥାଏ । ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦିତ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚି ଯାଆନ୍ତି । ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦିତ କରିଥାନ୍ତି ଠିକ୍ ସେହିପରି ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେବା ପାଇଁ ଦୋଳଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତ ମାନଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥାନ୍ତି । ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ୍ୟ ଭାରତର ସର୍ବତ୍ର ପ୍ରଚଳିତ । ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ ଯାହାର ନାମ ଥାଏ ଦୋଳମଣ୍ଡପ । ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅଭିର ଅର୍ପଣ କରିଥାନ୍ତି ।



ଦୋଳଯାତ୍ରା ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଲୀଳାଖେଳା ରଚିଥିବା ଗୋପାଳ ଜାତିର ପରିବାରଙ୍କ ପାଇଁ ଏକ ପବିତ୍ର ଦିବସ । ଗୋମାତାର ଜନ୍ମ ଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି । ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟଖଣ୍ଡରେ କବି ଲେଖିଛନ୍ତି 'ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଈମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ । ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁ କରି ଗୋପ ଲୋକେ ଗମନ୍ତି ଉଷତେ ।' ଦୋଳ ପୂର୍ଣ୍ଣିମା ଦିନ ରାତିରେ ଠାକୁରମାନଙ୍କ ମିଳନ ହୋଇଥାଏ । ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଳଣ ପଡ଼ିଆକୁ ନିଆଯିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଓ ଚିତାକର୍ଷକ । ପାଟପଟୁଆର, ରୋଷଣୀ, ଲୁପ୍ତପ୍ରାୟ ଲୋକନୃତ୍ୟ, ସଂକୀର୍ତ୍ତନ ପୂର୍ବକ ଶ୍ରୀକୃଷ୍ଣଙ୍କ ବନ୍ଦନା ସହ ଖୋଳକୀର୍ତ୍ତନ ଭିତରେ ବିମାନରେ ପ୍ରେମମୟ ଶ୍ରୀକୃଷ୍ଣ ଅତ୍ୟନ୍ତ ବିମୋହିତ ଭାବରେ ଭକ୍ତଙ୍କ ସହିତ ସତେଯେପରି ଏକାକାର ହୋଇଯାଆନ୍ତି । ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗ ଖେଳ ।

ବର୍ଷ ବର୍ଷ ଧରି ଓଡ଼ିଶାରେ ଦୋଳଯାତ୍ରା ଓ ଫଗୁର ବିଶେଷତାକୁ ନେଇ ଜଣେ ବିଶିଷ୍ଟ କୃଷ୍ଣପ୍ରେମୀଙ୍କୁ ନେଇ ଗବେଷକ ଡକ୍ଟର ଆର.ଏଲ.ମିତ୍ର ତାଙ୍କ - "The Antiquities of Odisha" ଲେଖିଛନ୍ତି 'The red powder (Abir) is largely thrown on them, and every one in the assembled crowd indulges in throwing the powder on his neighbours. The other rituals of the ceremony are observed before Jagannatha Himself in the sanctuaroy' ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପୀ ନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା । ଦୋଳ ଯାତ୍ରାର ସ୍ମୃତି ମୋ ପିଲାଦିନରୁ ରହିଛି । ସେତେବେଳେ ଆଜିକା ସମୟ ପରି ଆଲୁଅର ଆକର୍ଷଣୀୟ ଯାତ୍ରା ନଥିଲା । ଗୋପାଳମାନେ ଠାକୁରଙ୍କୁ କାନ୍ଧେଇ ଘରକୁ ଘର ବୁଲାଇ ନେଉଥିଲେ । ଖୁବ୍ ହେଲେ ଲଣ୍ଠନ ନ ହେଲେ ଶୁଖିଲା କପଡ଼ା ଗୁଡ଼ା ହୋଇ ଜଡ଼ାତେଲର ବଡ଼ ବଡ଼ ଦୀପ ବଳିଠା । ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀ ମାନଙ୍କୁ ଶୁଭାଶୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା ।

**ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ,**
**କଟକ, ଦୂରଭାଷ : ୯୯୩୭୧୭୨୮୧୦**



ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# କେବେ ଠୁ ଆରମ୍ଭ ଓଡ଼ିଆ ଯାତ୍ରା

ଆଜି ଓଡ଼ିଶାର ଯାତ୍ରା ଅନେକ ବାଟ ଆଗେଇ ଆସିଲାଣି । ମୁଖ୍ୟ ମନୋରଞ୍ଜନର ମାଧ୍ୟମ ଭାବରେ ଓଡ଼ିଆ ନାଟକ ଦର୍ଶକଙ୍କର ପ୍ରିୟଭାଜନ ହୋଇପାରିଛି । ଏହି ଯାତ୍ରା କେବେଠୁ ଆରମ୍ଭ ଓ ଏହାର ଇତିହାସ କଣ ଜାଣିବା ନିହାତି ଦରକାର । ଓଡ଼ିଶାର ଯାତ୍ରା ନାଟକର ଯେତିକି ଦର୍ଶକ ରହିଛନ୍ତି, ବୋଧହୁଏ ଅନ୍ୟ କୌଣସି ମନୋରଞ୍ଜନ ପ୍ଲାଟଫର୍ମରେ ସେତିକି ଥାଇ ନପାରନ୍ତି । ପୂର୍ବରୁ ନାଟକ କିଭଳି ଥିଲା ଓ ଏହାର ବୈଷୟିକ ସାଜସଜ୍ଜା କିଭଳି ଥିଲା, ଅନେକଙ୍କୁ ହୁଏତ ଜଣା ଥାଇ ନପାରେ । ତେବେ ଏବାବଦରେ ଜାଣିବା ପାଇଁ ହେଲେ ଖୋଜିବାକୁ ପଡ଼ିବ ଏହାର କ୍ରମବିବର୍ତ୍ତନ । ପ୍ରଥମେ ଜଗନ୍ନାଥ ପାଣି ଓ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟର ମଞ୍ଚ ରୂପାନ୍ତରରୁ ଏହି ମୁକ୍ତ ମଞ୍ଚନାଟକ ବା ଯାତ୍ରାର ପରମ୍ପରା ବେଶ୍ ଆଦର ଲାଭ କଲା । ତା' ଆଗରୁ ସୁଆଙ୍ଗ, ମୋଗଲ ତାମସା ଆଦିର ପ୍ରଥା ଚାଲିଥିଲା । ବେଙ୍ଗଲରୁ ଯାତ୍ରାର ଆରମ୍ଭ  ଅପେରା ସଂସ୍କୃତି ଉଦ୍ଭୃତ ବୋଲି ଯେତେ କହିଲେ ବି ତାହା ସ୍ୱୀକାର୍ଯ୍ୟ ନୁହେଁ । କାରଣ ଓଡ଼ିଆ ଓ ବେଙ୍ଗଲୀ ଯାତ୍ରା ଭିତରେ ରହିଛି ଅନେକ ଢ଼ାଞ୍ଚାଗତ ପ୍ରଭେଦ । ଯଦିଓ ଯେକୌଣସି ପଡ଼ୋଶୀ ସଂସ୍କୃତି ପରସ୍ପରକୁ ପ୍ରଭାବିତ କରେ । ସେମିତି ଦେଖିବାକୁ ହେଲେ ଓଡ଼ିଆ ଯାତ୍ରାର ପ୍ରଭାବ ଯେ ବେଙ୍ଗଲ ଉପରେ ନପଡ଼ିଛି କିଏ ନକହିବ ? ଗୋପାଲ ଦାସ ଉଡ଼େ କହିଲେ ଯାଜପୁରର ଗୋପାଳ ଦାସଙ୍କୁ ହିଁ ବୁଝାଏ ; ଯେକି ବେଙ୍ଗଲ ଯାତ୍ରାର ଏକ ସ୍ୱର୍ଦ୍ଧିତ ନାମ । ହଁ, ପ୍ରଥମେ ଯଦିଓ କିଛି ବେଙ୍ଗଲ ନାଟକର ପ୍ରଭାବ ଅବଶ୍ୟ ପଡ଼ିଥିଲା । ଲେଖକ ଓ ନିର୍ଦ୍ଦେଶକମାନେ ତାହା ଓଡ଼ିଶାରେ ପ୍ରୟୋଗ କରୁଥିଲେ । ଏହି ସାଂସ୍କୃତିକ ବିନିମୟ ମଧ୍ୟରେ ଅନେକ ପ୍ରଭେଦ ରହିଥିଲା ଦୁଇ ପଡ଼ୋଶୀ ପ୍ରଦେଶର ମୁକ୍ତ ରଙ୍ଗମଞ୍ଚ ନାଟକରେ ।

ବଙ୍ଗଳାର ଦର୍ଶକ ଅଳ୍ପ ସମୟ ଅବଧିର ଯାତ୍ରା ଦେଖନ୍ତି ହେଲେ ଓଡ଼ିଶାର ଦର୍ଶକ ସାରାରାତି ନାଟକ ଦେଖିବାର ଗୋଟେ ପ୍ରଥା ରହିଛି । ଓଡ଼ିଆ ନାଟକର ଯାଦୁ ଏପରି ଯେ, ଏଠାରେ ଦର୍ଶକ ପକେଟରୁ ପଇସା ସାରି, ସାରାରାତି ଅନିଦ୍ରା ହୋଇ ଯାତ୍ରା ଦେଖେ ପୁଣି ଆଖିରୁ ଲୁହ ଗଡ଼ାଇ ଘରକୁ ଫେରେ । ଏଠି ସାଧାରଣ ମଣିଷର କଥାକୁହେ ଅପେରା, କିନ୍ତୁ ବଙ୍ଗଳା ନାଟକରେ ବେଶି ସାହିତ୍ୟ ଓ ନାଟକୀୟତାର ପ୍ରଭାବ ଥାଏ । ଅତୀତରେ ଗ୍ରାମ୍ୟଜୀବନର ଏକମାତ୍ର ମନୋରଞ୍ଜନର ମାଧ୍ୟମ ଭାବେ ଯାତ୍ରାକୁ ଦେଖାଯାଉଥିଲା । ଯଦିଓ ତା ସହିତ ପାଲା, ଦାସକାଠିଆ ଆଦିର ପ୍ରଚଳନ ଥିଲା । ହେଲେ ଯାତ୍ରା ବା ଅପେରା ସଂସ୍କୃତି ବୋଇଲେ ମହାଉତ୍ସବ ବୋଲି ବୁଝାଯାଏ, ଯାହା ଏଯାବତ୍ ପ୍ରଚଳିତ ।



### ଯାତ୍ରାରେ ଆଧୁନିକତା

ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ପଲ୍ଲୀକବି କୃଷ୍ଣପ୍ରସାଦ ବେହେରା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର ଆଦି ଆଧୁନିକ ଯାତ୍ରାର ବିନ୍ଧାଣି ବୋଲି କୁହାଯାଏ । ସେତେବେଳେ ଛୋଟ ଛୋଟ ଦଳ କରି ବିଭିନ୍ନ ପର୍ବପର୍ବାଣିରେ ବଇନା ଦେଇ ନାଟକ କରିବାର ପରମ୍ପରାରୁ ଯାତ୍ରା ଆରମ୍ଭ ହୋଇଥିଲା । ନୀଳଚକ୍ର, ସାରୋ, ସପ୍ତମାତୃକା, ଇଚ୍ଛାପୁର ଆଦି ପାର୍ଟିମାନେ ପ୍ରାୟତଃ ଉପକୂଳ ଓଡ଼ିଶାରେ ଅପେରା ମଞ୍ଚସ୍ଥ କରୁଥିଲେ । ସେତେବେଳେ ଯାତ୍ରାକୁ ନାରୀଙ୍କର ଆଗମନ ନଥିବାରୁ ପୁରୁଷମାନେ ସେହି ଭୂମିକା ତୁଲାଉଥିଲେ । ସେତେବେଳେ ଗୋଟିଏ ମଞ୍ଚରେ ନାଟକ ଅଭିନୟ ହେଉଥିଲା ଓ ପେଣ୍ଡାଲର ଚାରିପାଖେ ଚାରୋଟି ପେଟ୍ରୋମାକ୍ସ ଲାଇଟ ହିଁ  ସାହାରା ଥିଲା । କଳାକାରମାନେ ନିଜର ଉଚ୍ଚାଙ୍ଗ ସ୍ୱରକୁ ଦର୍ଶକଙ୍କୁ ଶୁଣାଇବାକୁ ସମର୍ଥ ହେଉଥିଲେ । ନାଟକ ଆରମ୍ଭରୁ ବାଦ୍ୟଯନ୍ତ୍ର ଦ୍ୱାରା ମାଙ୍ଗଳିକ ଧ୍ୱନି ତିନିପର୍ଯ୍ୟାୟରେ ବାଜିବା ପରେ ହିଁ ନାଟକ ଆରମ୍ଭ ହେଉଥିଲା । ନାଟକ ଭିତରେ ଯେଉଁ ନୃତ୍ୟର ବ୍ୟବସ୍ଥା କରାଯାଇଥାଏ, ସେ ନୃତ୍ୟ ହାସ୍ୟ ରସାତ୍ମକ ବା ସାମାଜିକ ଘଟଣାକୁ ନେଇ ହୋଇଥାଏ । ପରେ ପରେ ମଧ୍ୟ ନାଟକ ପ୍ରାରମ୍ଭରେ ଶାସ୍ତ୍ରୀୟ ନୃତ୍ୟ ବା ଲୋକନୃତ୍ୟର ବ୍ୟବସ୍ଥା କରାଗଲା । ପୁରାଣର କଥାବସ୍ତୁକୁ ନେଇ ନୃତ୍ୟ ହିଁ ପରିବେଷଣ କରାଯାଉଥିଲା । ଏମିତିରେ ବି ସେତେବେଳେ ଐତିହାସିକ, କାଳ୍ପନିକ, ପୌରାଣିକ ନାଟକ ପରିବେଷଣ କରାଯାଉଥିଲା । ପରେ ସାମାଜିକ ନାଟକର ପ୍ରଥା ଆରମ୍ଭ ହେଲା । ପରେ ପରେ ନଗଶପୁର, ଇଚ୍ଛାପୁର, ବେଣୀରାମପୁର ନାଟକ ସଂସ୍ଥାଗୁଡ଼ିକ ଆଲୋକ ଓ ଶବ୍ଦର ମିଶ୍ରଣ କରି ଏକ ନୂଆ ପରମ୍ପରା ସୃଷ୍ଟି କଲେ । ଏହି ପରମ୍ପରା ସହିତ ଓଡ଼ିଶା ଅପେରା, ଝିଲମିଲ ଅପେରା, ଉତ୍ତରକୂଳ, ତାରାପୁର ଅପେରା ଆଦି ସାମିଲ ହେଲେ ।



ଫଟୋ-ମେହେରିନ

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-